## ସଂକ୍ଷେପରେ

### ଟାୱାର ଉପରୁ ସୁରକ୍ଷିତ ଉଦ୍ଧାର ହେଲେ ଯୁବକ

**ସିନାପାଲି,୧୭ା୨(ମନଫୁଲ ମେହେର):** ସିନାପାଲି ବ୍ଲକ ଲିଟିଗୁଡା ଗ୍ରାମଠାରେ ଏକ ଟାୱାର ଉପରେ ଚଢ଼ିଥିବା ଜଣେ ଯୁବକଙ୍କୁ ଅଗ୍ନିଶମ ବିଭାଗ ସୁରକ୍ଷିତ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ଲିଟିଗୁଡା ଗ୍ରାମର ଗୋବର୍ଦ୍ଧନ ମାଝୀ(୨୨)। ପ୍ରକାଶ ଯେ, ରବିବାର ରାତିରେ ପାରିବାରିକ କଳହକୁ ନେଇ ଗୋବର୍ଦ୍ଧନ ନିକଟସ୍ଥ ଟେଲିଫୋନ କମ୍ପାନୀର ଟାୱାର ଉପରକୁ ଚଢ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାରମ୍ବାର ତଳକୁ ଓହ୍ଲାଇବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଖବର ପାଇ ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଦୀର୍ଘସମୟ ପରେ ଯୁବକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଖଡ଼ିଆଳ,୧୭ା୨ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ୍ ଗୋଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ସେନାପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳାନପଡା କ୍ଲଷ୍ଟରରେ ଅନୁଷ୍ଠିତ ସଭାରେ ଡୁମେରବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନନ୍ଦଲାଲ ବାରିକ, ଶିକ୍ଷାବିତ୍ ବୃନ୍ଦାବନ ବାରିକ ମଞ୍ଚାସୀନ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ସେନାପତି ଅଭିଭାଷଣ ମାଧ୍ୟମରେ ତାଙ୍କର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଶେଷରେ ଚଳାନପଡା କ୍ଲଷ୍ଟର ସିଆର୍‌ସିସି ଲକ୍ଷ୍ମୀନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହିତ ଉପହାର ପ୍ରଦାନ କରି ତାଙ୍କ ବାସଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇଥିଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ମହୋତ୍ସବ

**ନୂଆପଡ଼ା,୧୭ା୨ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୋଟୋଠାରେ ସୋମବାର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଲିଲେଶ୍ୱରୀ ଦଣ୍ଡସେନା ମୁଖ୍ୟ ଅତିଥି, ସାମାଜିକ କର୍ମୀ କମଳ ଧରୁଆ, ପରିଚାଳନା କମିଟି ସଭାପତି ଅହଲ୍ୟା ଯାଦୋ, କୁଲିଆବନ୍ଧା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା , ଟିଂଗ୍ରାସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କିଶୋର କୁମାର ପରିଡ଼ା ନିୟମିତ ରକ୍ତଦାତା, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ବିକାଶ ପାଇଁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସଫଳ ମହିଳା ଗୋଚାଷୀ ସମ୍ବର୍ଦ୍ଧିତ



**କୋକସରା,୧୭ା୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ପେସାରେ ଜଣେ ଗୃହିଣୀ, ହେଲେ ଗୋପାଳନ କରି ସେ ସଫଳ ଗୋଚାଷୀ ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ହେଲେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ କୋକସରା ଗ୍ରାମର ସରପଞ୍ଚ ତଥା ରାଜ୍ୟ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସହଧର୍ମିଣୀ ସାରଙ୍ଗିନୀ ପ୍ରଧାନୀ। ସାରଙ୍ଗିନୀ ନିଜ ପ୍ରଚେଷ୍ଟାରେ ବିଭିନ୍ନ ପ୍ରଜାତିର ଗାଈ ଆଣି ଗୋପାଳନ ଆରମ୍ଭ କରିଥିଲେ। ଏଥିରୁ ସେ କ୍ଷୀର, ଦହି, ଲହୁଣି ବିକ୍ରିକରି ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କର ଏହି ସଫଳତା ପଛରେ ସ୍ୱାମୀଙ୍କ ପ୍ରୋତ୍ସାହନ ଓ ପରିବାରର ସହଯୋଗ ମଧ୍ୟ ମିଳିଛି।

# କାମାକ୍ଷୀ ଅଭିମୁଖେ ବାହାରିଲେ ୧୯୨ ତୀର୍ଥଯାତ୍ରୀ

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

ଭବାନୀପାଟଣା,୧୭ା୨(ଉତ୍ତମ କୁମାର ଦାଶ)




ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଉଛି।

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୋମବାର ଅପରାହ୍ନରେ କଳାହାଣ୍ଡି ଜିଲ୍ଲାରୁ ୫ ଗୋଟି ସ୍ୱତନ୍ତ୍ର ବସ୍ ଯୋଗେ କଳାହାଣ୍ଡିର ୧୯୨ ଜଣ ବରିଷ୍ଠ ନାଗରିକ କୋଲକାତାର କାମାକ୍ଷୀ ଅଭିମୁଖେ ଯାତ୍ରା କରିଛନ୍ତି। ସମସ୍ତ ତୀର୍ଥଯାତ୍ରୀ ରାୟଗଡାରେ ରାତ୍ରିଯାପନ କରି ମଙ୍ଗଳବାର ସ୍ୱତନ୍ତ୍ର ଟ୍ରେନ୍ ଯୋଗେ କାମାକ୍ଷୀ ଯାତ୍ରା କରି ଆସନ୍ତା ଫେବୃଆରୀ ୨୩ ତାରିଖରେ ଫେରିବେ। ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ନିଜର ସୁବିଧା ଅସୁବିଧା ନେଇ ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥ ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହ ଜିଲାପାଳ ସମସ୍ତଙ୍କର ଶୁଭ କାମନା କରିଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ବନ୍ଦୋବସ୍ତ କଳାହାଣ୍ଡି, ଅଗସ୍ତି ପ୍ରଧାନ, ଡେପୁଟି କଲେକ୍ଟର ବନମାଳୀ ମେହେର, ସହ ନିର୍ଦ୍ଦେଶକ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ତଥା ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଓର୍‌ମାସର ଡେପୁଟି ସିଇଓ ଜର୍ଜ କେର୍କେଟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଶିକ୍ଷକ ବୃନ୍ଦ।

ନୂଆପଡ଼ା,୧୭ା୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ନବନିଯୁକ୍ତ ଯୋଜନାଭିତ୍ତିକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ପଞ୍ଚଦିବସୀୟ ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ମାର୍ଗଦର୍ଶନ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ପାଞ୍ଚଟି ବ୍ଲକ୍‌ରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତିନୋଟି ପର୍ଯ୍ୟାୟରେ ପ୍ରେରଣା ପ୍ରଶିକ୍ଷଣ ଦିଆଯାଇଛି। ସମ୍ବଳ ଶିକ୍ଷକ ଭାବରେ କିଶୋର ଚନ୍ଦ୍ର ପ୍ରଧାନ, ହିମାଞ୍ଚଳ ପ୍ରଧାନ, ଗୁଣସାଗର ଭୋଇ ଓ ପ୍ରୀତିପୁଷ୍ପ ମହାନ୍ତି ଶିକ୍ଷଣ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂରଚନା, ଶ୍ରେଣୀ ପରିଚାଳନା, ଶିକ୍ଷା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା, ପିଲାଙ୍କୁ ବୁଝିବା, କ୍ରିୟାତ୍ମକ ଗବେଷଣା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀ ଜାତୀୟ ଶିକ୍ଷାନୀତି ୨୦୨୦, ନିପୁଣ ଓଡ଼ିଶା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଦିର କାର୍ଯ୍ୟକାରିତାର ଗୁରୁଦାୟିତ୍ୱ ରହିଥିବାରୁ ଅଧିକ ସମର୍ପିତ ହୋଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅଧିକାରୀମାନେ ଅଭିପ୍ରେରିତ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସହାୟକ ସଞ୍ଜୀବ ବଗର୍ତ୍ତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ବ୍ଲକ୍ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

ବେହେରା,୧୭ା୨(ଭୂପେଶ ତିୱାରୀ)



ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ କମିଟି କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ୧୧ ପଞ୍ଚାୟତକୁ ନେଇ ବେହେରାଠାରେ ନୂତନ ଦଣ୍ଡପାଟ ବ୍ଲକ ଘୋଷଣା ପାଇଁ କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ବେହେରା ଗ୍ରାମ ହେଉଛି ଦଣ୍ଡପାଟ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର। ଏହା ଉପରେ ଅଞ୍ଚଳ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲା ଓ ଛତିଶଗଡ଼ ରାଜ୍ୟର ବହୁ ବ୍ୟକ୍ତି ଜୀବନଜୀବିକା ପାଇଁ ନିର୍ଭର କରିଥାନ୍ତି। ଏଠାରେ ଯୁକ୍ତ ୨ ଓ ଯୁକ୍ତ ୩ କଲେଜ, ପ୍ରାଥମିକ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଭଳି ଅନେକ ସରକାରୀ ଅଫିସ ରହିଛି। ତେଣୁ ନୂଆ ସରକାର ଦଣ୍ଡପାଟରେ ନୂତନ ବ୍ଲକ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କ୍ରିୟାନୁଷ୍ଠାନ କମିଟି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମଧ୍ୟ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ। କମିଟି ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗମ୍ବର ଦୁରିଆ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ତୁଳସିରାମ ବାରିକ, ଆବାହକ ଭବେଶ ଗଇନ୍ତା, ଉପଦେଷ୍ଟା କମିଟି ମୁଖ୍ୟ ଧର୍ମାନନ୍ଦ ସେଠିଆ, ସମିତିସଭ୍ୟ କିଶୋର ନାଗ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଜାରୀ, ସରପଞ୍ଚ ଗୌରୀ ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣଗେଜେଟେଡ୍ ବନସେବା ସଂଘର ନୂଆପଡ଼ା ଜୋନ୍ ବୈଠକ

ଖଡ଼ିଆଳ,୧୭ା୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ – ୨ଠାରେ ଅଣଗେଜେଟେଡ୍ ବନସେବା ସଂଘ ନୂଆପଡ଼ା ଜୋନ୍‌ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ଡିଏଫ୍‌ଓ ଅଜିଜ୍ ଖାନ ମୁଖ୍ୟ ଅତିଥି, ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ମୁଖ୍ୟବକ୍ତା ଓ ଏସିଏଫ୍ ମହମ୍ମଦ ମୁସ୍ତଫା ସାଲେହା, ରାଜ୍ୟ ଅଣ ଗେଜେଟେଡ୍ ବନସେବା ସଂଘ ଉପସଭାପତି ଭବାନୀ ଶଙ୍କର ପରିଚ୍ଛା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ନୂଆପଡ଼ା ଜୋନ୍‌ର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ରମାରଞ୍ଜନ ରାଉତ ସଭାପତି, ଉପସଭାପତି ଭାବରେ ଦୀପାଞ୍ଜଳି ସାହୁ, ସାଧାରଣ ସମ୍ପାଦକ ସୁଦାମ ବାଗ ଓ ସହସମ୍ପାଦକ ଭାବରେ ଖୁଲେଶ୍ୱରୀ ମାଝୀ, ଯୁଗ୍ମ ସମ୍ପାଦକ ରାଜେଶ ହରିଜନ ଓ କୋଷାଧ୍ୟକ୍ଷ ଭାବରେ ରାକେଶ କୁମାର ଦଣ୍ଡସେନାଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ଚିନ୍ମୟୀ ପାତ୍ର ପରିଚାଳନା କରିଥିବା ବେଳେ ଶତାଧିକ ବନସେବା କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ୧୦୨ ଅଭିଯୋଗର ଶୁଣାଣିକଲେ ଜିଲାପାଳ



ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

କୋମନା,୧୭ା୨(ସୋବିନ ଛତ୍ରିଆ)

ସୋମବାର କୋମନା ବ୍ଲକ ସଭାଗୃହଠାରେ ନୂଆପଡା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୨ ଅଭିଯୋଗ ଆସିଥିଲା। ଏଥିରୁ ୮୧ଟି ବ୍ୟକ୍ତିଗତ, ୧୯ଟି ଗୋଷ୍ଠୀଗତ ଓ ୨ଟି ରେଡ୍‌କ୍ରସ୍ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ଏହିସବୁ ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ୍ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି, ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ବ୍ଲକ୍ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡ଼ିଓ ହେମନ୍ତ ପୁଟା, ତହସିଲଦାର ପ୍ରୟାସୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ ନସିମ, ଏବିଡ଼ିଓ ଭକ୍ତବନ୍ଧୁ ବୁଡେକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା। ଏଥିରେ ବିଶେଷଜ୍ଞ ଡା. ରମେଶ ଚନ୍ଦ୍ର ପାଠକ, ଡା. ଧନଞ୍ଜୟ ଭୋଇ, ଡା. ସୌମ୍ୟପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଚିକିତ୍ସା ସୁବିଧା ଯୋଗାଇଦେଇଥିଲେ।

# ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ନୂଆପଡ଼ା,୧୭ା୨ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଏକ କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମୁଣ୍ଡା ଗାଁ ପୋଖରୀ, ୭୫ ଲକ୍ଷର ସ୍ମାର୍ଟ ପାର୍କ, ୯୭ ଲକ୍ଷର ବନକା ପୋଖରୀ, ୧୨ ଲକ୍ଷର ନୂତନ ଅଙ୍ଗନୱାଡ଼ି କେନ୍ଦ୍ର, ୧ କୋଟି ୭୫ ଲକ୍ଷର ଭୂତଳ ଜଳ ସଂରକ୍ଷଣ କେନ୍ଦ୍ର, ୯ ଲକ୍ଷର ନୂତନ ସ୍କୁଲ ଗୃହ ନିର୍ମାଣ, ୧ କୋଟି ୪ ଲକ୍ଷର ମଙ୍ଗରାପାଲି ପୋଖରୀ ନବୀକରଣ, ଶହେ ଲୋକଙ୍କ ପାଇଁ ନିର୍ମିତ ଆହାରକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡ଼ାଗା, କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନଙ୍କ ଗହଣରେ କିଛି ସମୟ ବିତାଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ସହରାଞ୍ଚଳର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ନୂତନ କମିଟି ଗଠିତ

କର୍ଲାମୁଣ୍ଡା,୧୭ା୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦର ରତନ ଭୋଇ ହାଇସ୍କୁଲଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ହରିପୁର ରୋଡ୍ କଟକ ଦ୍ୱାରା ପରିଚାଳିତ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କମିଟି ଗଠିତ ହୋଇଯାଇଛି। ବୈଠକରେ ବ୍ଲକ୍ ସଭାପତି ରୋହିତ କୁମାର ରଣା ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଓ ଜିଲା ଉପଦେଷ୍ଟା ଅଶୋକ କୁମାର ତ୍ରିପାଠୀ, ଜିଲା ସଭାପତି ବୀରେନ୍ଦ୍ର କୁମାର ବାଗ, ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, ସଦର ବ୍ଲକ୍ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ଜିଲା ଉପସଭାପତି ବେଣୁଧର ବିଶ୍ୱାଳ, କର୍ଲାମୁଣ୍ଡା ବ୍ଲକ ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ଶିକ୍ଷକ ସଂଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷକ ସଂଘର ନୂତନ ସଭାପତି ଭାବେ ଅନ୍ତର୍ଯାମୀ ମଲ୍ଲିକ, ସମ୍ପାଦକ ସଞ୍ଜୟ କୁମାର ଦାଶ, ଉପ ସଭାନେତ୍ରୀ ତୁଳାମତି ସାହୁ ଓ ଉପସଭାପତି ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ପ୍ରତାପ ପ୍ରଧାନ, ସୀମାଞ୍ଚଳ ମାଝୀ, ଚର୍ଚ୍ଚିଳ ସାହୁ, ବ୍ଲକ ସଂଯୋଜକ କମଳ କୁମାର, କୋଷାଧ୍ୟକ୍ଷ ଦଣ୍ଡପାଣି ନାଏକ ପ୍ରମୁଖ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ଶିକ୍ଷକ ଦୁର୍ଗାପ୍ରସାଦ ସାହୁ ସଭା ସଂଯୋଜନା ଓ ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା ବୈଠକ

**ଧର୍ମଗଡ଼, ୧୭ା୨ (ଆକାଶ କୁମାର ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଧର୍ମଗଡ ଜୋନ ୧ ଜିଲା ପରିଷଦ ସଦସ୍ୟ ତଥା ଶିକ୍ଷା, କ୍ରୀଡା ଓ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଜିଲା ଅଧ୍ୟକ୍ଷ ଗୋପୀନାଥ ମହାନନ୍ଦ ବ୍ଲକରେ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ବିଆର୍‌ସିସି ଅରୂପାନନ୍ଦ ଭୋଇ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବିଶ୍ୱଜିତ ବେହେରା, ପ୍ରମୁଖ ମଞ୍ଚାସୀନଥିଲେ। ମଧ୍ୟାହ୍ନଭୋଜନଗୁଣବତ୍ତା, ବିଦ୍ୟାଳୟ ଅନୁଦାନର ସୁବିନିଯୋଗ, ଖେଳ ସାମଗ୍ରୀ ସହିତ ତାହାର ଫଟୋ ଉଠାଇ ପଠାଇବା, ଆଇଏଫ୍‌ଏ ବଟିକାର ସାପ୍ତାହିକ ବଣ୍ଟନ, ଶିକ୍ଷକଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ନିୟମିତ ରିପୋର୍ଟ କରିବା, ଶିକ୍ଷାଧିକାରୀମାନେ ନିୟମିତ ବିଦ୍ୟାଳୟ ପରିଦର୍ଶନ କରିବା, ଅଭିଭାବକଙ୍କୁ ସଚେତନ କରିବା, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଶିକ୍ଷକ ବୈଠକରେ ଜନପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ସମସ୍ତ ସିଆର୍‌ସିସିଙ୍କୁ ଜିଲାପରିଷଦ ସଦସ୍ୟ ମହାନନ୍ଦ ପରାମର୍ଶ ଦେଇଥିଲେ।

# ଉଦ୍ଭିଦ ବିଜ୍ଞାନ ବିଭାଗରେ ଅନ୍ୱେଷା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଭବାନୀପାଟଣା,୧୭ା୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲ୍‌ର ମିଳିତ ଉଦ୍ୟମରେ ସୋମବାର ଏକ ଆଲୋଚନାଚକ୍ର ଅନ୍ୱେଷା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତାକରି ଅନ୍ୱେଷାର ଭବିଷ୍ୟତ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ କୁଳସଚିବ ପୀତାମ୍ବର ଭୋଇ ଓ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଖ୍ୟାତିସମ୍ପନ୍ନ ବର୍ଗୀକରଣବିଦ୍ ଡ. ତ୍ରିଭୁବନ ପଣ୍ଡା ବକ୍ତାରୂପେ ଉପସ୍ଥିତ ହୋଇ କଳାହାଣ୍ଡିର ଆଦିବାସୀମାନେ କିପରି ପାରମ୍ପରିକ ଜ୍ଞାନକୌଶଳ ମାଧ୍ୟମରେ ଖାଦ୍ୟରୂପେ ଉଦ୍ଭିଦ ଓ ଜୀବଜନ୍ତୁ ସମୂହ ବ୍ୟବହାର କରୁଛନ୍ତି ସେ ବିଷୟରେ ବ୍ୟାଖ୍ୟା କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ବକ୍ତା ଛାତ୍ରୀଛାତ୍ର ତଥା ଅଧ୍ୟାପକ-ଅଧ୍ୟାପିକାଙ୍କ ଜିଜ୍ଞାସା ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ହର୍ଷିତା ପୁରୋହିତ ପରିଚାଳନା କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଗଣନାଥ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଉଦ୍ଭିଦବିଜ୍ଞାନ ବିଭାଗର ସମସ୍ତ ଗବେଷକଗବେଷିକା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମେହେର ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ

ଭବାନୀପାଟଣା,୧୭ା୨(ଉତ୍ତମ କୁମାର ଦାଶ)




ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥିଗଣ।

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଛୋରିଆଗଡ଼ ଗ୍ରାମରେ ରବିବାର ମେହେର (ଭୁଲିଆ) ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦିଲୀପ କୁମାର ମେହେର ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ମୁଖ୍ୟ ଅତିଥି ଓ କଳାହାଣ୍ଡି ନୂଆପଡ଼ା ଜୋନ୍ ଉପସଭାପତି ସନ୍ତୋଷ କୁମାର ମେହେର, ରାଜ୍ୟସ୍ତରୀୟ ସଭ୍ୟ ଶ୍ରୀବତ୍ସ ମେହେର, ଜିଲା ଉପସଭାପତି ବନମାଳୀ ମେହେର, ଉପଦେଷ୍ଟା ବିଭୂତି ଭୂଷଣ ମେହେର ଓ ରବି ନାରାୟଣ ମେହେର, ସମ୍ପାଦକ ବିଦ୍ୟାଧର ମେହେର, ସଂଯୋଜକ ଚନ୍ଦ୍ରହାସ୍ୟ ମେହେର, ନିଖିଳ ଓଡ଼ିଶା ରାଜ୍ୟସ୍ତରୀୟ ଯୁବାମଞ୍ଚ ସଭାପତି ଶକ୍ତିପ୍ରସାଦ ମେହେର, କଳାହାଣ୍ଡି ନୂଆପଡ଼ା ଜୋନ୍‌ସ୍ତରୀୟ ଯୁବାମଞ୍ଚ ସମ୍ପାଦକ ଧର୍ମେନ୍ଦ୍ର ମେହେର, ଜିଲାସ୍ତରୀୟ ଯୁବାମଞ୍ଚ ସଭାପତି ଗୋପାଳ ଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜକୁ ଆଗାମୀ ଦିନରେ କିପରି ମଜଭୁତ କରିହେବ ସେ ନେଇ ଅତିଥିମାନେ ମତପ୍ରକାଶ କରିଥିଲେ। ଏହାସହ ସମାଜର ନୂତନ ନିୟମାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ସମାବେଶରେ କଳାହାଣ୍ଡି ଜିଲା କେନ୍ଦ୍ର ବୋର୍ଡ ଅନ୍ତର୍ଗତ ସମସ୍ତ ଗ୍ରାମ୍ୟ କମିଟିର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଉପ ସମ୍ପାଦକ ଶାନ୍ତନୁ କୁମାର ମେହେର ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଅର୍ବଣିଗୁଁଡ଼ା ନାଟ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

**ପଦ୍ମପୁର,୧୭।୨(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ଅଗ୍ରଣୀ ନାଟ୍ୟାନୁଷ୍ଠାନ ଅର୍ବଣିଗୁଁଡ଼ା ନାଟ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇ ସର୍ବସମ୍ମତିକ୍ରମେ ଚିନ୍ମୟ କୁମାର ପଣ୍ଡା ସଭାପତି, ବିଶ୍ରାମ ମେହେର ଉପସଭାପତି, ଅଶୋକ କୁମାର ବହିଦାର ସମ୍ପାଦକ, ମନୋରଞ୍ଜନ ପୁରୋହିତ ସହ-ସମ୍ପାଦକ, ଆଶିଷ କୁମାର ବୈକାର କୋଷାଧ୍ୟକ୍ଷ, ଟେନେସ କୁମାର ପଣ୍ଡା ସାଂସ୍କୃତିକ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ଅଶୋକ ମେହେର, ଅକ୍ଷୟ କୁମାର ଭୋଇ, ଗିରିଧାରୀ ସାହୁ, ରମେଶ ମେହେର ଓ ପ୍ରୀତୀଶ ରଥ କାର୍ଯ୍ୟକାରିଣୀ କମିଟିରେ ସଦସ୍ୟ ଭାବେ ରହିଛନ୍ତି। ଏଥି ସହିତ ଡ.ପ୍ରମୋଦ କୁମାର ପାଢ଼ୀ,ଡ. ପ୍ରଦୀପ କୁମାର ଦୋରା, ଡ. ହର୍ଷ ପାଣିଗ୍ରାହୀ, ପ୍ରମୋଦ ଚନ୍ଦ୍ର ନାଥ, ବିଦେଶୀ ସାହୁ, ଡିଗ୍ରୀଲାଲ ମେହେର ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ନିଆଯାଇଛି। ଏହି ଅବସରରେ ପୂର୍ବ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଓ ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ଜଣାଯାଇଥିଲା। ଶେଷରେ ସମ୍ପାଦକ ଅଶୋକ କୁମାର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୋହେଲା,୧୭।୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ବ୍ଲକ ଅଫିସରେ ସୋମବାର ନୂତନ ବିଡିଓ ଭାବରେ କରିସ୍ମା ଭେସ୍ରା ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଥିବା ପୂର୍ବତନ ବିଡିଓ ସୁରେନ୍ଦ୍ର ମେହେରଙ୍କୁ ସୋନପୁରକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ସୋନପୁର ଜିଲା ଉଲୁଣ୍ଡା ବ୍ଲକରେ ବିଡିଓ ଭାବରେ କାର୍ଯ୍ୟରତ ଥିବା କରିସ୍ମା ଭେସ୍ରା ଏଠାକୁ ବଦଳି ହୋଇ ଆସିଛନ୍ତି । ସେ ଯୋଗ ଦେବା ପରେ ଏବିଡିଓ ଊର୍ଜିଲ ଲାକରାଙ୍କ ସମେତ ବରିଷ୍ଠ କିରାଣୀ କଳାକାନହୁ ସେଠ, ଆକାଉଣ୍ଟ ଅଫିସର ପୁଷ୍ପାଞ୍ଜଳି ମେହେର, ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ପ୍ରମୁଖ ବିଡିଓଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ। ସେହିପରି ଆଇସିଡିଏସ ବିଭାଗର ସିଡିପିଓ ସଂଯୁକ୍ତା ବରିହା ଓ ବିଭିନ୍ନ ସେକ୍ଟରର ସୁପରଭାଇଜରମାନେ ନୂତନ ବିଡିଓ କରିସ୍ମା ଭେସ୍ରାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବିଡିଓ ଭେସ୍ରା ଆଇସିଡିଏସ୍ ବିଭାଗର ବିଭିନ୍ନ ଯୋଜନା ଉପରେ ସିଡିପିଓ ବରିହାଙ୍କ ସହିତ ଆଲୋଚନା କରିଥିଲେ।

### ଖବରଦାତାଙ୍କ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ):** ରାଜ୍ୟରେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼(ଜାବ୍) ଦାବି କରିଛି। ଏହି ଦାବି ନେଇ ଜାବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ଅବସରପ୍ରାପ୍ତ ଖବରଦାତାମାନଙ୍କୁ ମାସିକ ଅନ୍ୟୁନ ୨୫ହଜାର ପେନସନ ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ, ପିଆଇବି ଢାଞ୍ଚାରେ ରାଜ୍ୟ ଅଧିସ୍ୱୀକୃତି ନିୟମରେ ଆବଶ୍ୟକ ସଂଶୋଧନ ଆଦି ଦାବି କରାଯାଇଛି। ଏହି ଦାବି ପୂରଣ ନ ହେଲେ ଓଡ଼ିଶା ସାମ୍ବାଦିକ ୟୁନିୟନ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଜାବ୍‌ର ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ସାଧାରଣ ସମ୍ପାଦକ ବଦ୍ରିପ୍ରସାଦ ସାହୁ, ଉପସଭାପତି ବ୍ୟୋମକେଶ କର, ବରିଷ୍ଠ ସଦସ୍ୟ ରମଣୀ ରଞ୍ଜନ ବେହେରା, ଯୁଧିଷ୍ଠିର ମହାପାତ୍ର, ସରୋଜ ଷଡ଼ଙ୍ଗୀ, ନେପାଳ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ହିର୍ଲିପାଲିରେ ସନ୍ଥ ଗୁରୁ ରବି ଦାସଙ୍କ ଜୟନ୍ତୀ

**ସରଣ୍ଡା, ୧୭।୨(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ୍ ଅନ୍ତର୍ଗତ ହିର୍ଲିପାଲି ଗ୍ରାମରେ ସନ୍ଥ ଗୁରୁ ରବି ଦାସଙ୍କ ୬୪୮ତମ ଜୟନ୍ତୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ସନ୍ଥ ଶିରୋମଣି ଶ୍ରୀ ରବି ଦାସଙ୍କ ଜନ୍ମବାର୍ଷିକୀ ଅବସରରେ ଭାଜପାର ଓଡ଼ିଶା ଅନୁସୂଚିତ ଜାତି ମୋର୍ଚ୍ଚାର ଉପସଭାପତି ରଞ୍ଜନ ସେଠ ଓ ହିର୍ଲିପାଲି ଗ୍ରାମପଞ୍ଚାୟତର ସମିତି ସଭ୍ୟ ବିଦ୍ୟାଧର ଭୋଇ ଅତିଥିଭାବେ ଯୋଗଦେଇଥିଲେ। ସେଠାକାର ପଡ଼ାବାସୀଙ୍କ ଉଦ୍ୟମରେ ସନ୍ଥ ଗୁରୁ ରବି ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଅତିଥିମାନେ ସ୍ମୃତିଚାରଣ କରିଥିଲେ।

# ବ୍ୟବସାୟୀଙ୍କୁ ଜିଏସ୍‌ଟି ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଏଆଇଟିର ପ୍ରତିନିଧିବୃନ୍ଦ।

- କାର୍ଯ୍ୟାନୁଷ୍ଠାନ ଦାବିକଲା ସିଏଆଇଟି
- ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବରଗଡ଼ ସହରର ବ୍ୟବସାୟୀଙ୍କ ସଞ୍ଜୟ ଅଗ୍ରୱାଲଙ୍କ ବାସଭବନରେ ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟିର ଏକ ଟିମ୍ ଅତର୍କିତ ଚଢ଼ାଉ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ, ଏସ୍‌ପି ଏବଂ ଜିଏସ୍‌ଟି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ୟବସାୟୀଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗତ ଫେବୃୟାରୀ ମାସ ୧୪ତାରିଖ ପୁଲୱାମା ଆକ୍ରମକୁ ନେଇ ଦେଶରେ କଳା ଦିବସ ପାଳନ କରାଯାଉଥିବା ବେଳେ ବରଗଡ଼ ସହରର ବ୍ୟବସାୟୀ ସଞ୍ଜୟଙ୍କ ଘରକୁ ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟିର ଏକ ଟିମ୍ ପହଞ୍ଚିଥିଲେ। ସଞ୍ଜୟ ଏବଂ ତାଙ୍କ ବୃଦ୍ଧା ମା' ଶଯ୍ୟାଶାୟୀ ଥିବାବେଳେ ସେମାନେ ଉଭୟ ମା', ପୁଅଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏପରିକି ସେମାନେ ବର୍ତ୍ତମାନ ଆଇସିୟୁରେ ଚିକିତ୍ସାଧୀନ ରହିଥିବା ସୂଚନା ଦିଆଯାଇଛି। ଏହା ପୂର୍ବରୁ ମଧ୍ୟ ଏଭଳି ଚଢ଼ାଉ ବେଳେ ୨୦୨୪ ଅକ୍ଟୋବର ୨୮ତାରିଖ ଜଣେ ଗହଣା ବ୍ୟବସାୟୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଟିକସ ସଂଗ୍ରହ ଏବଂ ଦେଶର ଅର୍ଥନୈତିକ ବିକାଶରେ ବ୍ୟବସାୟୀଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ଅଧିକାରୀମାନଙ୍କ ଦ୍ୱାରା ସେମାନଙ୍କୁ ଦୁର୍ବ୍ୟବହାର ଏବଂ ଭୟ ପ୍ରଦର୍ଶନ ଆଦୌ ଗ୍ରହଣୀୟ ନୁହେଁ। ଏହି ଦୃଷ୍ଟିରୁ ଭବିଷ୍ୟତରେ ଯେଭଳି ସେଭଳି ଘଟଣାର ପୁନରାବୃତ୍ତି ନ ଘଟେ ଏବଂ ଦୁର୍ବ୍ୟହାର ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଏଆଇଟି ସ୍ମାରକପତ୍ରରେ ଦାବି କରିଛି। ସିଏଆଇଟିର ଜାତୀୟ ଉପସଭାପତି ଆର.କେ ଶୁକ୍ଲାଙ୍କ ନେତୃତ୍ୱରେ ଅନେକ ବ୍ୟବସାୟୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ, ଏସ୍‌ପି ଏବଂ ଜିଏସ୍‌ଟି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

# ଘର ପୋଡ଼ି ପରିବାରକୁ ସହାୟତା କଲେ କାଉନ୍‌ସିଲର

**ସରଣ୍ଡା, ୧୭।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧିନ ଜୈନିକ ବ୍ୟକ୍ତିଙ୍କ ଘର ପୋଡ଼ି ଯାଇଥିଲା। ଏହି ଅସହାୟ ଘର ପୋଡ଼ି ପରିବାରକୁ ସୋମବାର ଅତାବିରା ଏକ ନମ୍ବର ୱାର୍ଡର କାଉନସିଲର ଦୀପକ ରାୟ ସହାୟତାର ହାତ ବାଢ଼ାଇଛନ୍ତି। ଅତାବିରା ଏନ୍‌ଏସି ସ୍ଥିତ ପଞ୍ଜାବ ନେସନାଲ ବ୍ୟାଙ୍କ ସାମ୍ନା ଅତାବିରା କୁଲୁଣ୍ଡା ରୋଡ଼ ପାଖରେ ସନାତନ ବାଦି ପରିବାର ଅମଜାଦ ଅଲିଙ୍କ ଏକ ଛୋଟ ଘରେ ସହ ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଭଡ଼ା ରହୁଥିଲେ । ରବିବାର ସନ୍ଧ୍ୟାରେ ଗ୍ୟାସ ଟାଙ୍କିର ପାଇପ ଫାଟିଯିବାରୁ ତାଙ୍କ ଘର ପୋଡ଼ିଯାଇଥିଲା। ଫଳରେ ସେମାନେ ସାମାନ୍ୟ ଆହତ ହୋଇଥିବା ବେଳେ ଘରେ ଥିବା ସମସ୍ତ ଆସବାସ ପତ୍ର ସହ ସୁଖା ଖାଇବା ସାମଗ୍ରୀ, କପଡା ଓ ଗ୍ରୁପରୁ ଋଣ ଉଠାଇଥିବା ନଗଦ କିଛି ଟଙ୍କା ପୋଡି ନଷ୍ଟ ହୋଇଯାଇଥିଲା । ପରେ ପଦା ପାଖରେ ଥିବା ଅତାବିରା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅସହାୟ ପରିବାରକୁ ଏକ ନମ୍ବର କାଉନସିଲର ଦୀପକ ରାୟ ଯାଇ ଭେଟିଥିଲେ ଏବଂ ନିଜେ ବ୍ୟକ୍ତିଗତ ଭାବେ ନଗଦ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କାଉନସିଲର ଦୀପକ ରାୟ ନିର୍ବାଚିତ ହେବା ପରେ ପ୍ରଥମେ ନିଜ କାଉନସିଲର ଭାବେ ସରକାରୀ ଭାବେ ମିଳିବାକୁ ଥିବା ପରିଶ୍ରମିକ ଭତ୍ତା ନେବେ ନାହିଁ ବୋଲି ଘୋଷଣା କରି ଉକ୍ତ ଅର୍ଥ ଏନ୍‌ଏସିର ଉନ୍ନୟନ କାର୍ଯ୍ୟରେ ଲଗାଇବା ପାଇଁ ଦାନ କରିଥିଲେ। ପରେ ଗତ ବର୍ଷ ବରଗଡ଼ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଇଚ୍ଛାପାଲି ଗ୍ରାମର ଜୈନିକ ଡାକ୍ତରୀ ଛାତ୍ର ଛତ୍ରପତି ପ୍ରଧାନଙ୍କୁ ଆଡମିଶନ ପାଇଁ ନିଜେ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଦୀପକଙ୍କ ସମାଜସେବା କ୍ଷେତ୍ରରେ ଏଭଳି ଅବଦାନ ରହିବ ବୋଲି ଏବେ ଅଞ୍ଚଳରେ ଚର୍ଚ୍ଚା ହେଉଛ। ଏଥିପାଇଁ ଦୀପକଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ।


ଘର ପୋଡ଼ି ଯାଇଥିବା ପରିବାର ସଦସ୍ୟଙ୍କୁ କାଉନ୍‌ସିଲର ସହାୟତା ପ୍ରଦାନ କରୁଛନ୍ତି।



ଆତ୍ମରକ୍ଷା ତାଲିମ ଶିବିରରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଳ,୧୭।୨(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ୨ ସପ୍ତାହ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆତ୍ମରକ୍ଷା ତାଲିମ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନଙ୍କ ସଂଯୋଜନାରେ ଉଦ୍‌ଯାପିତ ସଭାରେ ଅଧ୍ୟକ୍ଷ ଲୋହିତ କୁମାର ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମରକ୍ଷା ତାଲିମ ନାରୀମାନଙ୍କ ପାଇଁ କେତେ ପ୍ରଯୁଜ୍ୟ ସେ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧାପକ ପ୍ରଦୀପ କୁମାର ଦ୍ୱୋନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଏହି ତାଲିମ ଶିବିର ଗତ ୫ତାରିଖରେ ଉଦ୍‌ଘାଟନ ହୋଇଥିଲା। ଏହି ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ବାର୍ତ୍ତା ଦେବା ସହ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ବର୍ଷର ପ୍ରାୟ ୧୧୭ ଜଣ ଛାତ୍ରୀ ୨ ସପ୍ତାହ ବ୍ୟାପୀ ତାଲିମ ନେଇଥିଲେ। ଟ୍ରେନର ନନ୍ଦିନୀ ରାଉତ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧାପିକା ମୀନା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧାପିକା ଅଞ୍ଜଳି ବାଗ ସାର୍ଟିଫିକେଟ ବିତରଣରେ ସହଯୋଗ କରିଥିଲେ।

### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

**ସୋହେଲା,୧୭।୨(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲଙ୍କ ସମେତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଅତିରିକ୍ତ ଜିଲାପାଳ କୁଣାଲ ମୋତିରାମ ଚହାନ, ପଦ୍ମପୁର ଉପଜିଲାପାଳ କୁମାରୀ ଅରୁଗୁଲା ସ୍ନେହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମୃତପାଲ କୌର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିରୁପମା ଷଡ଼ଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରାଙ୍କ ସମେତ ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୪୮ ଅଭିଯୋଗ ମଧ୍ୟରୁ ୨୮ ବ୍ୟକ୍ତିଗତ, ୨୦ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶାଗୁଆନ୍ ଜଙ୍ଗଲରେ ନିଆଁ

**ପାଇକମାଳ ୧୭।୨(ବଡ଼ ଶତପଥି)**

ବରଗଡ଼ ଜିଲା ପାଇକମାଳ ନିକଟସ୍ଥ ଜର୍ଜଗଡ଼ ଗ୍ରାମର ଚନ୍ଦ୍ରକାନ୍ତି ଶତପଥିଙ୍କ ଶାଗୁଆନ ଜଙ୍ଗଲରେ ସୋମବାର କୌଣସି ଏକ ଦୁର୍ବୃତ୍ତ ଅପରାହ୍ନ ପ୍ରାୟ ୨ଟାରେ ନିଆଁ ଲଗାଇ ଦେଇଥିଲେ। ନିଆ ଯୋଗୁ ତିନି ଏକର ବିଶିଷ୍ଟ ଶାଗୁଆନ ଗଛ ନଷ୍ଟ ହୋଇଯାଇଛି। ଅଗ୍ନଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ନିଆଁ ଶୀଘ୍ର ଆୟତ୍ତ ହୋଇ ନଥିଲା। କେହି ଜଣେ ଦୁର୍ବୃତ୍ତ ମହୁଲ ଗୋଟାଇବା ପାଇଁ ନିଆଁ ଲଗାଇ ଦେଇ ଥିବାର ଅନୁମାନ କରାଯାଉଛି ବୋଲି ଅଗ୍ନିଶମ ବିଭାଗ କର୍ମଚାରୀମାନେ କହିଛନ୍ତି। ନିରଞ୍ଜନ ବାରିକ, ଜୟଦେବ ପଟେଲ, ବଳରାମ ମୁଣ୍ଡା, ବିହାରିଲାଲ ବାଗ, ରାଜେଶ ଛାଟୋଇ ପ୍ରମୁଖ ଏହି ନିଆଁ ଲିଭାଇବାରେ ନିୟୋଜିତ ଥିଲେ।

# ସନ୍ଦେହମୋଚନ ଶିକ୍ଷା ପ୍ରଦାନ


ଜଣେ ଶିକ୍ଷୟିତ୍ରୀ ଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଛନ୍ତି।

**ପାଇକମାଳ,୧୭।୨ (ବଡ଼ ଶତପଥୀ)**

**ପରୀକ୍ଷାଫଳ ଶହେ ପ୍ରତିଶତ ପାଇଁ ପ୍ରସ୍ତୁତି**

ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ପାଇକମାଳଠାରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଅନୁରୋଧକ୍ରମେ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ 'ସନ୍ଦେହ ମୋଚନ' ଶିକ୍ଷାଦାନ ଚାଲିଛି। ଏଥିରେ ଗରିବ, ମେଧାବୀ, ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଛାତ୍ରୀମାନେ ବିଶେଷ ଉପକୃତ ହେଉଛନ୍ତି । ଏହି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତ୍ୟେକ ଶିକ୍ଷା ବର୍ଷରେ ଦଶହରା, ବଡ଼ଦିନ, ଗ୍ରୀଷ୍ମକାଳୀନ ଛୁଟି ସହ ରବିବାର ଦିନଗୁଡ଼ିକରେ ଶିକ୍ଷାଦାନ ଦେଉଥିବାରୁ ପ୍ରାୟତଃ ୨୦ କି.ମି. ଦୂରଦୂରାନ୍ତରୁ ଛାତ୍ରୀମାନେ ବିଦ୍ୟାଳୟକୁ ଆସିଥାନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ଦୀର୍ଘ ୧୦ ବର୍ଷ ହେବ ୧୦୦ ପ୍ରତିଶତ ସହ ଗୁଣାତ୍ମକ ପରୀକ୍ଷାଫଳ ମିଳୁଛି । ପୂର୍ବ ବର୍ଷ ପରି ୨୦୨୫ ବର୍ଷ ପରୀକ୍ଷାଫଳ ଶହେ ପ୍ରତିଶତ ହେବା ପାଇଁ ଛାତ୍ରୀଙ୍କୁ ପ୍ରସ୍ତୁତ କରାଯାଇଛି ବୋଲି ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

# ଓଡ଼ିଶା ଶୀର୍ଷକ ଜାତୀୟ ଆଲୋଚନାଚକ୍ର

**ପଦ୍ମପୁର,୧୭।୨(ପ୍ରଦୀପ୍ତ ଦାଶ)**


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ହାଇଦ୍ରାବାଦସ୍ଥିତ ଉକ୍ସସେନ ବିଶ୍ୱବିଦ୍ୟାଳୟ ଓ ସାମାଜିକ ବିକାଶ ପରିଷଦ ମିଳିତ ସମନ୍ୱୟରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ଦିଲ୍ଲୀ ପ୍ରାୟୋଜିତ ରାଷ୍ଟ୍ରର ସଂସ୍କୃତି ନିଷିଦ୍ଧ ଓଡ଼ିଶାରେ ଆଞ୍ଚଳିକତାକୁ ପୁନଃ ଅଧିକରଣ ଓଡ଼ିଶା ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଗତ ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରୀତିପୁଷ୍ପା ମିଶ୍ର ସାଉଥାମ୍ପଟନ ବିଶ୍ୱବିଦ୍ୟାଳୟ ମୁଖ୍ୟବକ୍ତା 'ଓଡ଼ିଶାରେ ପ୍ରବାସର ଇତିହାସ ଓ ତାର ସଂସ୍କୃତି' ଶୀର୍ଷକ ସମ୍ବୋଧନ କରିଥିବାବେଳେ ଡିନ୍ ସ୍କୁଲ ଅଫ୍ ଟେକ୍ନୋଲୋଜି ଡା. ପେଫୁଇସ ଏଷ୍ଟେଭାଙ୍କ, ଡିନ୍ ସ୍କୁଲ ଅଫ୍ ଲିବରାଲ ଆର୍ଟସ ଆଣ୍ଡ ହ୍ୟୁମାନିଟିଜ ସମ୍ମାନିତ ଅତିଥି ଡ. କନ୍‌ରାଡ ଗୁନେଷ୍ଟ ସମ୍ବୋଧିତ କରିଥିଲେ। ଦୁଇଦିନ ଧରି ଚାଲିଥିବା ଆଲୋଚନାଚକ୍ରରେ ଓଡ଼ିଶାରୁ ତଥା ଓଡ଼ିଶା ବାହାରୁ ଅନେକ ଗବେଷକ ନିଜ ନିଜ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଟାଟା ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ, ହାଇଦ୍ରାବାଦ କ୍ୟାମ୍ପସ ଡ.ବ୍ୟାସ ମହାରଣା 'ଜାତି, ଲିଙ୍ଗ ଏବଂ ଶକ୍ତି ଏକ ଆଧିପତ୍ୟ ବିରୋଧୀ ଗ୍ରନ୍ଥ ଭାବରେ ଲକ୍ଷ୍ମୀପୁରାଣର ଏକ ସମାଲୋଚନାମୂଳକ ପୁନଃ ମୂଲ୍ୟାୟନ, ସଂସ୍କୃତି ଗବେଷକ ଡ.ଶରତ କୁମାର ଜେନା 'ଜଗନ୍ନାଥ ସଂସ୍କୃତିର କଳାତ୍ମକ ଏବଂ ଧାର୍ମିକ ବିଶ୍ୱତତ୍ତ୍ୱ: ଓଡ଼ିଶାର ପଟ୍ଟ ଚିତ୍ରର ଏକ ସେମିଓଟିକ ଅଧ୍ୟୟନ', ଆସାମ ବିଶ୍ୱବିଦ୍ୟାଳୟ, ଡକ୍ଟରାଲ ସ୍କୋଲାର୍ ସନାତନ ତାରାଇ 'ଗଞ୍ଜାମରୁ ରଙ୍ଗୁନ, ଔପନିବେଶିକ ଶାସନ ସମୟରେ ଓଡ଼ିଆ ପ୍ରବାସର ଯାତ୍ରା ଏବଂ ଏହାର ସାଂସ୍କୃତିକ ଇତିହାସ',ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡ.ସର୍ବେଶର ପଧାନ 'ଫସଲ ଏବଂ ଐତିହ୍ୟ ପଶ୍ଚିମ ଓଡ଼ିଶାର କୃଷି ନିରନ୍ତରତାରେ 'ନୂଆଖାଇ' ଏବଂ 'ପୁଷ୍‌ପୁନି'ର ଭୂମିକା',ସିକିମ ବିଶ୍ୱବିଦ୍ୟାଳୟ ସହାୟକ ପ୍ରଫେସର ଶଙ୍କର ବାଗ 'ସାମୂହିକ ରୀତିନୀତିରୁ ଗ୍ରାମ ମହୋତ୍ସବ: ଓଡ଼ିଶାର କଳାହାଣ୍ଡିରେ ଚୋକି ପରବର ଯାତ୍ରା ଏବଂ ପରିବର୍ତ୍ତନ',ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଡକ୍ଟରାଲ ସ୍କୋଲାର ମୌସୁମୀ ମିଶ୍ର 'ଭାରତୀୟ ସିନେମାରେ ଓଡ଼ିଆ ସାଂସ୍କୃତିକ ପ୍ରଥା ଏବଂ ନିରୋଧୀକରଣର ପ୍ରତିନିଧିତ୍ୱରେ ଥିବା ସୂକ୍ଷ୍ମତାଗୁଡ଼ିକୁ ବୁଝିବା ପ୍ରମୁଖ ନିଜ ମତାମତ ରଖିଥିଲେ। ଆବାହକ ଡ. ବୃନ୍ଦାବନ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଭୋଜରାଜଙ୍କୁ ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ

**ପାଇକମାଳ,୧୭।୨(ବଡ଼ ଶତପଥି)**


ଭୋଜରାଜ ବୁଡେକ।

ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର କବି ଭୋଜରାଜ ବୁଡେକକୁ ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନରେ ସମ୍ମାନିତ କରାଯାଇଛି। କଟକର କର୍ମବୀର ଗୌରୀଶଙ୍କର ଟାଉନହଲରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକ, ଅଗ୍ନିସ୍ଫୁଲିଙ୍ଗ ରାଉରକେଲା, ଓଡ଼ିଶା ପୂଜ୍ୟପୂଜା ପରିଷଦ କଟକ ଓ ଚିନ୍ମୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ୪୮ତମ ରାଜ୍ୟସ୍ତରୀୟ କବି ଲେଖକ କଳାକାର ସମାବେଶ, କବିତା ପାଠୋତ୍ସବ, ସଙ୍କଳନ ଉନ୍ମୋଚନ ଏବଂ ସାରସତ ସମ୍ବର୍ଦ୍ଧନା ସମାରୋହରେ କବି ଭୋଜରାଜଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇଥିଲେ। କବି ଭୋଜରାଜ ବୁଡେକ ମାଣ୍ଡୋସିଲ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ବା କବି ତଥା ଗାଳ୍ପିକ। ସେ ସାରସତ ସାଧନାରେ ବ୍ରତକରି ଅନେକ କାବ୍ୟ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ନାଟକ ତଥା ରମ୍ୟରଚନା କରିଛନ୍ତି। ସେ ରାଜ୍ୟ ଅନେକ ସାହିତ୍ୟ ସାଂସଦ ସହ ଯୋଡ଼ି ହୋଇ ଅନେକ ଥର ସମ୍ମାନୀତ ହୋଇଛନ୍ତି। ତାଙ୍କ ସଫଳତା ପାଇଁ ମାଣ୍ଡୋସିଲ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି।

# ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଝରନ

**ବରପାଲି, ୧୭।୨(ଚିତ୍ତରଞ୍ଜନ ସାହୁ)**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ପୁରସ୍କୃତ ଛାତ୍ରୀମାନେ।

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଝରନ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦାନ କରିବା ସହ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡ. ଆରୂପାନନ୍ଦ ସାହୁ ଜିଲା ଭାଜପା ସଭାପତି ଯୋଗ ଦେବା ସହ ମୁଖ୍ୟବକ୍ତା ଡ.ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ସଂସ୍କୃତ ଅଧାପକ ଅମର ଜ୍ୟୋତି ମହାବିଦ୍ୟାଳୟ କୁତୁମ ଡୋଳା ବଲାଙ୍ଗୀର ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଧାପିକା ପରିଣିତା ପଧାନ ଅତିଥିଙ୍କ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧାପିକ ନେପାଳ ବିଶାଳ। ପ୍ରଥମରୁ ଆଦ୍ୟ ପୂଜ୍ୟ ଗଣେଶଙ୍କ ପାଖରେ ଦୀପ ପ୍ରଜ୍ୱଳନ ହେବା ସହ ପ୍ରାରମ୍ଭିକ ଓ ସମାପ୍ତି ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟକ୍ଷା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ସୁଧାଂଶୁ କୁମାର ଦାଶଙ୍କ ସ୍ୱରଚିତ କବିତା ପୁସ୍ତକ ନମାମି ଗଙ୍ଗେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ପ୍ରଥମ ଥିବା ଛାତ୍ରୀମାନଙ୍କୁ ପୁରସ୍କାର ଦିଆଯିବା ସହ ଡ. ସୁବାସ ଦାଶଙ୍କୁ ଗରିବ ବନ୍ଧୁ ଓ କୁମାରୀ ସତିକ ବେହେରାଙ୍କୁ କ୍ରୀଡ଼ାରାଣୀ ଉପାଧି ପ୍ରଦାନ ପୂର୍ବକ ମାନପତ୍ର ସମେତ ଉପ ଢୌକନ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନର ପରିସମାପ୍ତି ପରେ ନିମନ୍ତ୍ରିତ ହାସ୍ୟ କବି ହରିଲାଲ ସାହୁ,ଅଧିକାରୀ ସା, ମୁନିରାମ କୁମ୍ଭାର ପ୍ରଭୃତିଙ୍କ ଦାରା ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ପରେ ନାଟ୍ୟ ନିର୍ଦ୍ଦେଶକ,ଲେଖକ ଅମିତ୍ କୁମାର ପ୍ରଧାନଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀମାନେ ତ୍ୟାଗ ନାଟକ ପରିବେଷଣ କରିଥିଲେ। ଛାତ୍ରୀ ମିଷ୍ଟିନା ପଧାନ, ଶ୍ରାବଣୀ ମେହେରଙ୍କ ସମେତ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ନୀଳିମା ନାୟକ,ଜ୍ୟୋତି ସାହୁ,ସସ୍ମିତା ମେହେର, ପିଙ୍କି ବାରିକ, ପୁନମ ସାହୁ,ମିନିଶା ଭୋଇ, ପ୍ରମୁଖ ସାମିଲ ହୋଇଥିଲେ।

**ଷ୍ଟ୍ରିଟ୍ ଲାଇଟ୍ ଜଳୁନି, ମରାମତି ଦାବି**

**ବେଦବ୍ୟାସ (ଦେବବ୍ରତ ବେହୁରା):** ରାଉରକେଲା ଶିଳ୍ପ ନଗରୀର ପ୍ରବେଶ ପଥ କୁହାଯାଉଥିବା ବେଦବ୍ୟାସ ଛକଠାରୁ ବେଦବ୍ୟାସ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ୪ଦିନ ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଫଳରେ ସନ୍ଧ୍ୟା ହେଲେ ଏହି ରାସ୍ତାରେ ଅସାମାଜିକ ବ୍ୟକ୍ତି ପଇଁତରା ମାରୁଛନ୍ତି। ଏହି ସାଧାରଣ ଲୋକେ ଯାତାୟାତ କରିବାରେ ସୁରକ୍ଷିତ ମନେ କରୁନାହାନ୍ତି। ଆଗକୁ ମହାଶିବରାତ୍ରି ଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ଦାବି ହେଉଛି।



## ସଂକ୍ଷେପରେ

### କୁମ୍ଭମେଳାରୁ ଫେରୁଥିବା ବେଳେ ଦୁର୍ଘଟଣା ମାମଲା, ଆଉ ଜଣେ ମୃତ

ରାଉରକେଲା,୧୭।୨(ସଙ୍ଗୀତା ଜେନା) ପ୍ରୟାଗରାଜ ମହାକୁମ୍ଭ ମେଳାରୁ ଫେରିବାବେଳେ କାର୍ ଦୁର୍ଘଟଣାରେ ରାଉରକେଲାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାରର ଅନ୍ୟ ୬ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ସୋମବାର ସକାଳେ ୭ଟାରେ ଡେଲି ମାର୍କେଟ ଅଞ୍ଚଳର ନରେନ୍ଦ୍ର ଶତପଥୀଙ୍କ ସ୍ତ୍ରୀ ବନିତା(୫୫)ଙ୍କ ମୃତ୍ୟୁ ହୋଇଛି। ଉତ୍ତରପ୍ରଦେଶରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଜୀବନ ବୀମା କର୍ପୋରେଶନରେ ଡେଭଲପମେଣ୍ଟ ଅଫିସର ରକ୍ତିମ ପୂଜାରୀ(୩୪) ମୃତ୍ୟୁବରଣ କରିଥିଲେ। ପରିବାର ସହ ଫେରିବା ବେଳେ ତାଙ୍କ କାର୍ ଉତ୍ତରପ୍ରଦେଶର ସୋନଭଦ୍ର ଜିଲାରେ ବସ୍ ସହ ଧକ୍କା ହୋଇଥିଲା।

### ବାଇକ୍ ଚୋରି ଅଭିଯୋଗ: ମାମୁ ଭଣଜା ଗିରଫ

**ରାଜଗାଙ୍ଗପୁର,୧୭।୨(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ବାଇକ୍ ଚୋରି ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ମାମୁଁ ଭଣଜାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାମୁଁ ବଳରାମ ପଟ୍ଟନାୟକ ଓ ତାଙ୍କ ଭଣଜା ଅଭିଷେକ ବେଉରା। ସୂଚନା ଅନୁଯାୟୀ, ରାଜଗାଙ୍ଗପୁର ଶିତଳାଗଳିରେ ରହୁଥିବା ବଳରାମ ନିଜ ଭଣଜା ଅଭିଷେକଙ୍କୁ ଡକାଇ ରାଜଗାଙ୍ଗପୁରରେ ବାଇକ୍ ଚୋରି କରୁଥିଲେ। ରାଜଗାଙ୍ଗପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୁହିଁଙ୍କୁ ଅଟକ ରଖି ତଦନ୍ତ ପରେ ତାଙ୍କ ଠାରୁ ୨ଟି ଚୋରି ବାଇକ୍ ଓ ଚୋରି ପାଇ ବ୍ୟବହୃତ କରୁଥିବା ବୁଲେଟ ଜବତ କରିଛି। ମାମୁଁ ଭଣଜା ଅନ୍ୟ ଚୋରି କେସ୍‌ରେ ସଂଶ୍ଲିଷ୍ଟ ଥିବା ପୋଲିସ କହିଛି।

### ଘର ତାଲା ଭାଙ୍ଗି ଚୋରି, ଜଣେ ଗିରଫ

**ସୁନ୍ଦରଗଡ଼,୧୭।୨(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଟାଉନଥାନା ଅନ୍ତର୍ଗତ ଶଙ୍କରା ହରିଜନପଡାରେ ହୋଇଥିବା ଏକ ଚୋରୀ ମାମଲାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶଙ୍କରାର ହଟିନ ସାହୁ। ପୋଲିସ ତାଙ୍କ ନିକଟରୁ ନଗଦ ୨ ହଜାର ଟଙ୍କା, ଚୋରି ବ୍ୟାଙ୍କ ପାଶ ବୁକ,ଏଟିଏମ,ଆଧାର କାର୍ଡ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଶଙ୍କରା ହରିଜନ ପଡାର ସୁବୁଲ ତନ୍ତୀଙ୍କ ପରିବାର ଘରେ ଅନୁପସ୍ଥିତ ଥିବାବେଳେ ଗତ୧୪ତାରିଖରେ କେହି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ନଗଦ୧୦ରୁ ୧୫ହଜାର ଟଙ୍କା, ବ୍ୟାଙ୍କ ପାଶବୁକ, ଆଧାର କାର୍ଡ, ଏଟିଏମ କାର୍ଡ ଆଦି ଚୋରି କରି ନେଇଥିଲେ। ଏସମ୍ପର୍କରେ ସେ ଟାଉନଥାନାରେ ରିପୋର୍ଟ କରିଥିଲେ। ପୋଲିସ ଟାଉନଥାନାରେ କେଶ ନଂ. ୪୫/୨୦୨୫ରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ।

### ଅପହରଣ,ମାରପିଟ ଘଟଣା: ୫ ଗିରଫ

**କୁତ୍ରା,୧୭।୨(ଦେବାଶିଷ ସାହୁ)**

କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲ ଗ୍ରାମର ରେହାନ ରାଜା ଓ ଏମଡି ଫୈଜକୁ ଗତ ଶନିବାର ଅପହରଣ ଓ ମାଡପିଟ ଘଟଣାରେ କୁତ୍ରା ପୋଲିସ ସୋମବାର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ କରମଡିହି ଗ୍ରାମର ଗଣେଶ ସିଂ (୨୫), ନୟନ ଜୟପୁରିଆ (୨୦) ରୋସନ ମାଝୀ (୨୧),ଉମେଶ ସୁନ୍ୟାନି (୨୩) ଓ ରାଜା ବେହେରା (୨୫)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉକି, ଗତ ଶନିବାର ଦିନ ଖଡକୁରବାହାଲର ଏକ ପିକଅପରେ ବେଆଇନ ଗୋଚାଲାଣ ହେଉଥିବା ବେଳେ ବଜରଙ୍ଗ ଦଳ ସଦସ୍ୟମାନେ ତାଙ୍କୁ ପଛପଟୁ ଗୋଡାଇ ଥିଲେ। ଦ୍ରୁତ ଗତିରେ ଆସୁଥିବା ପିକଅପ୍ କୁତ୍ରା ଖଡକୁରବାହାଲ ଛକରେ ଓଲଟି ପଡିଥିଲା। ଏଥିରେ ଥିବା ୮ଟି ବଳଦ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ପିକଅପ ରେ ଥିବା ରେହାନ ରାଜା (୧୭) ଓ ଏମଡି ଫୈଜ (୧୯)ଙ୍କୁ ମାଡମାରିବା ସହିତ ରେହାନଙ୍କୁ ଅପହରଣ କରି ନେଇଯାଇଥିଲେ। ଅପହରଣର ଗୋଟିଏ ଦିନ ପରେ ପୋଲିସ ତାଙ୍କୁ ପାଇଥିଲା। ଏହାକୁ ନେଇ ପୋଲିସ କେସ ନଂ. ୩୩ ରେ ଅଣ୍ଡରସେକ୍ସନ ୧୨୬(୨)/୧୨୭(୨)/୧୦୯/୧୧୭(୨)/୩୧୦(୨)/୧୪୦(୧)/୩(୫) ବିଏନଏସ ରେ ମାମଲା ରୁଜୁ କରିଛି।



ବଣାଇଁ ଉପଖଣ୍ଡ କିଷାନ ସମାଜର ସଦସ୍ୟମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଏକ ଶୋଭାଯାତ୍ରାରେ ଯାଉଛନ୍ତି।

# କିଷାନ ସମାଜ ନାଁରେ ବେଆଇନ କାମକୁ ବିରୋଧ

**ବଣାଇଁ,୧୭।୨(ପ୍ରଦୀପ ତ୍ରିପାଠୀ)**

**ଉପଜିଲାପାଳଙ୍କୁ ସ୍ମାରକପତ୍ର**

ବଣାଇଁ ଉପଖଣ୍ଡ କିଷାନ ସମାଜ ନାଁରେ କିଛି ନ୍ୟସ୍ତସ୍ୱାର୍ଥ୍ୟ ବ୍ୟକ୍ତି ସମାନ୍ତରାଳ ଜାତିଭିତ୍ତିକ ସଙ୍ଗଠନ କରି ବେଆଇନ ଭାବେ ଅର୍ଥ ଆଦାୟ କରାଯାଉଥିବା ଜଣାପଡିବା ପରେ ମୂଳ ସଙ୍ଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସଙ୍ଗଠନର ଶତାଧିକ ସଦସ୍ୟ ସୋମବାର ଏକ ଶୋଭାଯାତ୍ରାରେ ବଣାଇଁ ସହର ପରିକ୍ରମା କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ବେଆଇନ ସଙ୍ଗଠନ କିଷାନ ସମାଜ ପରମ୍ପରା ବିରୋଧୀ ଏକ ରୁଲ୍ ବୁକ୍ ତିଆରି କରି କୁଚିଣ୍ଡା, ବଣାଇଁ, ବାରକୋଟ ଅଞ୍ଚଳରେ ରହୁଥିବା କେତେକ ଜାତି ଲୋକଙ୍କୁ ନିୟମ ମାନିବାକୁ ବାଧ୍ୟ କରୁଥିବା ଓ ବିବାହ ସମୟରେ ସଙ୍ଗଠନର ଅଣଆପତ୍ତିଜନକ ପ୍ରମାଣପତ୍ର ନ ଥିଲେ ବିବାହ ଭାଙ୍ଗି ଦେଉଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ତେଣୁ ଏଭଳି ଏକ ଅଣପଞ୍ଜୀକୃତ ସଙ୍ଗଠନକୁ ଅସିଦ୍ଧ ଘୋଷଣା କରିବାକୁ ମୂଳ ସମାଜର ନେତା ବାଜି କିଷାନ, ରଞ୍ଜିତ କିଷାନ ଦାବି କରିଛନ୍ତି।

# ପାଇଥିବା କୁଲର ଫେରାଇଲା ଡ୍ରାଇଭର ମହାସଂଘ

**ବଡ଼ଗାଁ,୧୭।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ଗାଁ ନିକଟ ରାଜ୍ୟ ରାଜପଥରେ କୌଣସି ଏକ ଅଜଣା ଗାଡ଼ିରୁ ଏକ କୁଲର ଖସି ପଡ଼ିଥିଲା। ଗୁରୁଣ୍ଡିଆ ବ୍ଲକ ଡ୍ରାଇଭର ମହାସଂଘର ସଦସ୍ୟ ରାଜ କୁମାର ସିଂ କୁଲରକୁ ପାଇ ସ୍ଥାନୀୟ କର୍ମକର୍ତ୍ତାଙ୍କୁ ସୂଚିତ କରିଥିଲେ। ବଡ଼ଗାଁ ଓ କୁତ୍ରା ଡ୍ରାଇଭର ସଂଘର ସଦସ୍ୟମାନେ ସୂଚନା ପାଇ କୁଲରକୁ ଗାଁର ଜଣେ ବ୍ୟକ୍ତିଙ୍କ ଘରେ ରଖି ଘଟଣା ସମ୍ପର୍କରେ ଏକ ଭିଡିଓ କରିଥିଲେ। କୁଲର ମାଲିକ ରାଉରକେଲାର ଶିବ ଶଙ୍କର ସାହୁ ଓ ଡ୍ରାଇଭର ଛୋଟେଲାଲ ସାହୁ ଘଟଣା ବିଷୟରେ ଖବର ପାଇ ଡ୍ରାଇଭର ସଂଘର ସଦସ୍ୟଙ୍କ ସହ ଯୋଗାଯୋଗ କରିଥିଲେ। କୁତ୍ରା ବ୍ଲକ ସଂଘର ସଭାପତି ମନୋଜ ଏକ୍କା, ସମ୍ପାଦକ ଅଶୋକ ଜୟପୁରିଆ, ଜିଲା କର୍ମକର୍ତ୍ତା ସଞ୍ଜୀବ ବିଶି ସୋମବାର କୁଲର ମାଲିକଙ୍କୁ କୁଲରକୁ ହସ୍ତାନ୍ତର କରିଛନ୍ତି। ଡ୍ରାଇଭର ସଂଘର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୧୧ ଦଫା ଦାବି ନେଇ ଆଲୋଚନା



ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ହେମଗିର,୧୭।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ମିଟିଂ ହଲରେ ସୋମବାର ସରପଞ୍ଚ ସଂଘ, ସମିତି ସଂଘ, ଏଡିଏମ ଅଭିମନ୍ୟୁ ମାଝୀ, ଉପ ଜିଲାପାଳ ଦାସରଥି ସରାବୁ ଓ କୋଇଲା ଖଣି ମାଲିକଙ୍କୁ ନେଇ ସମିତି ଓ ସରପଞ୍ଚ ସଂଘ ପକ୍ଷରୁ ଦିଆଯାଇଥିବା ୧୧ଦଫା ଦାବିକୁ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦାବିଗୁଡ଼ିକ କିପରି ଭାବେ ସମାଧାନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କିଛି ଦିନ ମଧ୍ୟରେ ଦାବି ପୂରଣ କରାଯିବା ବୋଲି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦାବି ଗୁଡିକ ଶୀଘ୍ର ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ହେମଗିର ତହସିଲଦାର ବିକାଶ ରଞ୍ଜନ, ବିଡିଓ ରୀନା ନାଏକ, ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଟିପିସି ଦର୍ଲିପାଲିର ଦ୍ୱାଦଶତମ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ଟିପିସିର କର୍ମକର୍ତ୍ତା।

**ସୁନ୍ଦରଗଡ଼,୧୭।୨(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲିର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରକଳ୍ପ ପ୍ରଶାସନିକ ଭବନଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକଙ୍କ ଦ୍ୱାରା ଏନଟିପିସି ପତାକା ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରକଳ୍ପ ମୁଖ୍ୟ ମଲ୍ଲିକ ସମାବେଶକୁ ସମ୍ବୋଧିତ କରିବା ସମୟରେ ସେ ଗତ ଏକ ବର୍ଷ ମଧ୍ୟରେ ଏନଟିପିସି ଦର୍ଲିପାଲିର କାର୍ଯ୍ୟକ୍ଷମ ସଫଳତା, ପାଉଁଶ ବ୍ୟବହାରରେ ଅଗ୍ରଗତି ଏବଂ ସିଏସଆର ଯୋଗଦାନ ବିଷୟରେ ସୂଚନା ଦେଇଥିଲେ। ମଲିକ କର୍ମଚାରୀମାନଙ୍କୁ ସ୍ଥାୟୀ ଅଭିବୃଦ୍ଧି ପାଇଁ ସଙ୍ଗଠନ ପ୍ରତି ଉତ୍କର୍ଷତା ଏବଂ ସମର୍ପଣ ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୪ ଜଣ କାର୍ଯ୍ୟନିର୍ବାହୀଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟ ପାଇଁ 'ପାୱାର ଏକ୍ସେଲ ପୁରସ୍କାର' ପ୍ରଦାନ କରାଯାଇଥିଲା। ସିଭିଲ ଏବଂ ଉଦ୍ୟାନ କୃଷିର ୩୨ ଜଣ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଦର୍ଲିପାଲିର ଦ୍ୱାଦଶ ପ୍ରତିଷ୍ଠା ଦିବସ ସକାଳ ୬ ଟାରେ ପ୍ରଭାତ ଫେରି ସହିତ ଆରମ୍ଭ ହୋଇଥିଲା। ପରେ ପ୍ରଶାସନିକ ଭବନରେ କେକ କାଟି ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ମହାପ୍ରବନ୍ଧକ ହରେରାମ ସିଂହ, ସମସ୍ତ ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଭିନ୍ନ ସଂଘର ପ୍ରତିନିଧି ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏନଟିପିସି ଦର୍ଲିପାଲିର ୟୁନିଟ-୧ ୨୦୧୯ ଏପ୍ରିଲ ୪ରେ କାର୍ଯ୍ୟକ୍ଷମ ହୋଇଥିଲା। ୨୦୨୦ ମାର୍ଚ୍ଚ ୧ରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ୟୁନିଟ-୨ ୨୦୨୧ ମାର୍ଚ୍ଚ ୨୩ରେ କାର୍ଯ୍ୟକ୍ଷମ ହୋଇଥିଲା। ୨୦୨୧ ସେପ୍ଟେମ୍ବର ୧ରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫେବୃଆରୀ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେଶନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏନଟିପିସି ଦର୍ଲିପାଲିର ମୋଟ ସ୍ଥାପିତ କ୍ଷମତା ୧୬୦୦ ମେଗାୱାଟ୍।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ରାଉରକେଲା, ୧୭।୨(ସଙ୍ଗୀତା ଜେନା)**

ଟାଙ୍ଗରପାଲୀ ଥାନା ଅଞ୍ଚଳରେ ରବିବାର ଅପରାହ୍ନ ୫ଟା ସମୟରେ ଜଣେ ନାବାଳିକା(୫)ଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ନିସ୍ଫୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣଙ୍କ ହେଲେ କନଷ୍ଟ୍ରକ୍ସନ କଲୋନିର ଶୁଖଦେବ ଭୂମିଜ(୫୫)। ପୋଲିସ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକାଙ୍କ ପିତାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କ ମା' ରାଉରକେଲାରେ ଚାକିରି କରନ୍ତି। ରବିବାର ଘରେ କେହି ନ ଥିବା ବେଳେ ଶୁଖଦେବ ନାବାଳିକାଙ୍କୁ କୁରକୁରେ ଦେବା ପ୍ରଲୋଭନ ଦେଖାଇ ଡାକି ବଳାତ୍କାର ଉଦ୍ୟମ କରିଥିଲେ। ଏହା ପୂର୍ବରୁ ଅଭିଯୁକ୍ତ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ପୋଲିସ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକୁ ଆଧାର କରି ସୋମବାର ଅପରାହ୍ନ ୪ଟାରେ ଏକ ମାମଲା ରୁଜୁ କରିଛି।

# ସ୍ୱାମୀଙ୍କ ଆତ୍ମହତ୍ୟା,ସ୍ତ୍ରୀ ଦେଲେ ଏତଲା

**କୁଆଁରମୁଣ୍ଡା,୧୭।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଦୁମୁକିଶିହିରିଆ ଗ୍ରାମର ଜୁନାସ ବାର୍ଲା(୪୯) ରବିବାର ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ଆଜବେଷ୍ଟସ ଘରର ଲୁହା ପାଇପରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ସୁଶୀଳା ବାର୍ଲା ସୋମବାର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟ ପକ୍ଷରେ ଆତ୍ମହତ୍ୟା ପଛର କାରଣ ସ୍ପଷ୍ଟ ହୋଇନାହିଁ।

# ଲକ୍ଷେଘର ପାନତନ୍ତୀ ସମାଜ କର୍ମକର୍ତ୍ତା ଚୟନ



ଚୟନ ହୋଇଥିବା କର୍ମକର୍ତ୍ତା।

**କୁତ୍ରା,୧୭।୨ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ କିରିଙ୍ଗସିରା ପଞ୍ଚାୟତ ଲକ୍ଷେଘର ପାନତନ୍ତୀ ସମାଜର ଏକ ସାମାଜିକ ବୈଠକ କିରିଙ୍ଗସିରା ଗ୍ରାମରେ ଅନୁଷ୍ଠିତ ହେବା ସହ ଆଗାମୀ ଦିନ ପାଇଁ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନଭାବେ ଗଠିତ କମିଟିର ସଭାପତିଭାବେ କଲେଶ୍ୱର କାକ, ଉପସଭାପତି ଦୁଃଶାସନ ଗନ୍ଧା ଓ ସୁନିତିକା ବାଙ୍କରା, ସମ୍ପାଦକ ସୁକାନ୍ତି ଗଂଧା, ସହ ସମ୍ପାଦକ ମହେନ୍ଦ୍ର ମହାନନ୍ଦିଆ, କୋଷାଧକ୍ଷ ସଞ୍ଜୀବ ମହାନନ୍ଦିଆ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ମିଶ୍ର ଗନ୍ଧା, ରମେଶ କଣ୍ଟିଆ, ରାଧିଆ ମହାନନ୍ଦିଆ, ସୁରେଶ ମହାନନ୍ଦିଆ, ରାଜେଶ ଗନ୍ଧା, ପୁନା ନିଖଣ୍ଡିଆ ପ୍ରମୁଖଙ୍କ ଚୟନ କରାଯାଇଥିଲା। ଏହାସହ ଏହି ପଞ୍ଚାୟତରେ ସାମାଜିକ ସ୍ତରରେ ରହିଥିବା ବିଭିନ୍ନ ସୁବିଧା ଅସୁବିଧା ନେଇ ଆଲୋଚନା ହେବା ସହ ଆଗାମୀ ଦିନରେ ସମାଜକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଭୁଲିଆ ସମାଜ ଗଠନ ନିମନ୍ତେ ବୈଠକ

**ସୁନ୍ଦରଗଡ଼,୧୭।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଟାଉନ ଭୁଲିଆ ସମାଜ ତରଫରୁ ରବିବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଶଙ୍କରା କେନ୍ଦୁପଡାଠାରେ ଅଲେଖ ଚନ୍ଦ୍ର ମେହେରଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ସମସ୍ତ ଆଞ୍ଚଳିକ କମିଟିକୁ ନିମନ୍ତ୍ରଣ କରାଯାଇଥିଲା। ଯେଉଁଥିରେ ଟିପେରସିଂହା ଆଞ୍ଚଳିକର ଉପଦେଷ୍ଟା ଅର୍ଜୁନ ମେହେର, ସଭାପତି ଗଣେଶ ମେହେର, ଉପସଭାପତି ଫକୀର ମେହେର, ସମ୍ପାଦକ ଚନ୍ଦ୍ର ମେହେର, ନାକଡିହିର ବିକି ମେହେର, ଲେଡିମଙ୍ଗ ଆଞ୍ଚଳିକର ସଭାପତି ବଂଶୀଧର ମେହେର, ସମ୍ପାଦକ ଶିବଲାଲ ମେହେର, କୋଷାଧକ୍ଷ ନବୀନ ମେହେର, ଲକ୍ଷ୍ମଣ ମେହେର, ରାଉରକେଲାର ସମ୍ପାଦକ ଡ. ସୁବୋଧ ମେହେର, ବଡ଼ଗାଁ, ଭୋଇପାଲି ଗ୍ରାମର ସପ୍ନେଶର ମେହେର, ଅଚ୍ୟୁତାନନ୍ଦ ମେହେର, ପ୍ରଫୁଲ୍ଲ ମେହେର ଉପସ୍ଥିତ ରହି ସୁନ୍ଦରଗଡ଼ ଜିଲା ଭୁଲିଆ ସମାଜ ଗଠନ ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଭାବେ ଅର୍ଜୁନ ମେହେର ( ନାକଡ଼ିହି ), ଉପଦେଷ୍ଟାଭାବେ ଗଣେଶ ମେହେର, ବଂଶୀଧର ମେହେର, ଫକୀର ମେହେର, ସଭାପତି ଅଲେଖ ଚନ୍ଦ୍ର ମେହେର,(ସୁନ୍ଦରଗଡ଼ ଟାଉନ) ସମ୍ପାଦକ ଲବଣୀଧର ମେହେର,( ସୁନ୍ଦରଗଡ଼ ଟାଉନ) ସଂଯୋଜକ ଡ. ସୁବୋଧ କୁମାର ମେହେର (ରାଉରକେଲା ), ଚନ୍ଦ୍ର ଶେଖର ମେହେର (ଟିପେରସିଂହା ), ଶିବଲାଲ ମେହେର,ସପ୍ନେଶର ମେହେର ( ବଡ଼ଗାଁ, ଭୋଇପାଲି), ବେଣୁଧର ମେହେର ( ଗର୍ଜନଜୋର, ହେମଗିର ), ଜେନାମଣୀ ମେହେର( କବାଙ୍ଗ), ଦୀନବନ୍ଧୁ ମେହେର ( ଭାଷ୍ମା )ଙ୍କୁ ମନୋନୀତ କରାଗଲା। ବୈଠକରେ ସୁନ୍ଦରଗଡ଼ ଟାଉନ ଭୁଲିଆ ସମାଜର ଶ୍ୟାମଳେନ୍ଦୁ ମେହେର, ସୀତାରାମ ମେହେର, ରାଜେଶ ମେହେର, ରବି ମେହେର, ହେମନ୍ତ ମେହେର, ଶରତ ମେହେର, ଦିଲୀପ ମେହେର, ଦଶରଥ ମେହେର, ପିତାମ୍ବର ମେହେର, ବିନୋଦ ମେହେର, ପୂର୍ଣ୍ଣ ମେହେର ଏବଂ ସମସ୍ତ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ

**ଲହୁଣୀପଡା,୧୭।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ସତସଙ୍ଗ ବିହାରଠାରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଓ ୭ମ ବାର୍ଷିକ ଜାଗୃତି ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ସହାନାୟୀ,ଓଷା କୀର୍ତ୍ତନ, ସମବେତ ବିନତି ପ୍ରାର୍ଥନା, ସଦ ଗ୍ରନ୍ଥାଦିପାଠ, ଶୋଭାଯାତ୍ରାରେ ନଗର ପରିକ୍ରମା, ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ, ସଙ୍ଗୀତାଞ୍ଜଳି, ସତସଙ୍ଗ ଓ ସଦାଲୋଚନା, ମାତୃ ସମ୍ମିଳନୀ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ୮ଟା ସମୟରେ ଭଜନ କୀର୍ତ୍ତନ ଗାଇ ନଗର ପରିକ୍ରମା କରାଯାଇଥିଲା। ୭ମ ବାର୍ଷିକ ଜାଗୃତି ଉତ୍ସବରେ ଅତିଥିମାନେ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା, କୋଇଡା, ଗୁରୁଣ୍ଡିଆ ବ୍ଲକ ସମେତ ରାଉରକେଲା, ଲାଠିକଟା, ଝାରସୁଗୁଡା ଅଞ୍ଚଳର ଗୁରୁ ଭଉଣୀ ଭାଇ ମାନେ ଉପସ୍ଥିତ ଥିଲେ। ଡା.ଦୀପ୍ତି ରଞ୍ଜନ ତ୍ରିପାଠୀ, ଡା. ମିଲନ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ଅଖିଳ ଭାରତୀୟ ଅଘରିଆ ସମାଜର ପ୍ରାଦେଶିକ ମହାସମ୍ମିଳନୀ ଉଦ୍‌ଯାପିତ

**ସବ୍‌ଡେଗା,୧୭।୨(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗାଠାରେ ୩ଦିନ ଧରି ଚାଲିଥିବା ଅଖିଳ ଭାରତୀୟ ଅଘରିଆ ସମାଜର ଦଶମ ପ୍ରାଦେଶିକ ମହାସମ୍ମିଳନୀ ରବିବାର ସନ୍ଧ୍ୟା୫ଟାରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଏହି ମହାସମ୍ମିଳନୀରେ ସୁନ୍ଦରଗଡ ଜିଲା ତଥା ବାହାରୁ ଶହଶହ ଅଘରିଆ ସମାଜର ମହିଳା, ପୁରୁଷ ଓ ଯୁବକମାନେ ଯୋଗ ଦେଇଥିଲେ। ଏହି ମହାସଭାରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ସଭାପତି ଦୀନବନ୍ଧୁ ନାଏକ, ସାଧାରଣ ସମ୍ପାଦକ ସୁରେଶ କୁମାର ପଟେଲ,ଗାଙ୍ଗପୁର ଆଞ୍ଚଳିକ କମିଟିର ସଭାପତି ଯଶୋବନ୍ତ ନାଏକ, ଉପସଭାପତି ଆରତୀ ନାଏକ, ସବଡେଗା ମଣ୍ଡଳ କମିଟି ସଭାପତି ତପୋଧନ ପଟେଲ, ସବଡେଗା ଗୁଡ଼ି କମିଟି ସଭାପତି ପାଞ୍ଚନନ ନାଏକ, ସବ୍‌ଡେଗା ଗ୍ରାମ୍ୟ କମିଟି ସଭାପତି ବସନ୍ତ କୁମାର ପଟେଲ, ଉପସଭାପତି ମନୋଜ ପଟେଲ ପ୍ରମୁଖ ଉପସ୍ଥିତଥିଲେ। ମହାସଭାରେ ଯୋଗଦେବା ପାଇଁ ଆସୁଥିବା ଲୋକଙ୍କୁ ଅଘରିଆ ପରମ୍ପରାର ରୁଚିକର ପିଠା ସହ ଅନ୍ୟାନ୍ୟ ଖାଦ୍ୟ ପରସା ଯାଇଥିଲା। ସବ୍‌ଡେଗା, ଗଏଲୋ, ଯାଇସରର ମହିଳାମାନେ ଏହି ପିଠା ତିଆରି କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦେବଗଡ଼, ୧୭।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ସାମନ୍ତ୍ରାପାଲି ଗ୍ରାମରେ ନାଳ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଉକ୍ତ ଗ୍ରାମର ସୁରେନ୍ଦ୍ର ମାଟିଆରୀ (୪୦)। ସେ ଘରୁ ବାହାରି ଶୌଚ ପାଇଁ ଯାଇଥିବା ବେଳେ ଗାଁ ନାଳରେ ବୁଡି ଯାଇଥିବା ଅନୁମାନ କରାଯାଉଛି। ସୋମବାର ଦିନ ପ୍ରାୟ ୧୧ ଟାରେ ନାଳରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ କିଛି ଲୋକ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଦେବଗଡ଼ ଥାନା ପୋଲିସ ସୂଚନା ପାଇବା ପରେ ଡାକ୍ତରଖାନାରୁ ଶବ ଜବତ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

### ଗଛରେ ପିଟିହେଲା ବାଇକ୍: ୨ମୃତ

କୋଲାବିରା, ୧୭।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଞ୍ଚଳରେ ତିନିଜଣ ସାଙ୍ଗ ଶନିବାର ରାତିରେ ବାଇକ ଯୋଗେ ଫେରୁଥିବା ସମୟରେ ରାସ୍ତା କଡରେ ଥିବା ଏକ ଗଛରେ ବାଡେଇ ହୋଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ୨ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ସାଥି ସାମାନ୍ୟ ଆହତ ହୋଇଥିଲେ। ମାତ୍ର ସେ ଘଟଣାସ୍ଥଳରୁ ବାଇକ ନେଇ ଚାଲିଯାଇଥିବାବେଳେ ଅନ୍ୟ ଦୁଇଜଣ ରାସ୍ତାକଡରେ ପଡିରହିଥିଲେ। ରବିବାର ସକାଳୁ ଖବରପାଇ ପୋଲିସ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଦ୍ୱୟ ହେଲେ କୋଲାବିରା ଥାନା ଅନ୍ତର୍ଗତ ସୋଢାମାଲ ଗ୍ରାମର ନରେଶ ପଟ୍ଟା(୩୫), ଦିନେଶ ନାଏକ (୩୦)। ସାଙ୍ଗରେ ଥିବା ସେହି ଗ୍ରାମର ଅନିଲ କୁମାର ପଟେଲ (୩୦) ସାମାନ୍ୟ ଆହତ ହୋଇଥିଲେ। ୩ସାଙ୍ଗ ବାହାଘର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଆର୨୩ ଏଫ ୦୨୫୪ ନଂ. ବାଇକରେ ବାହାରି ଲାଇଡାଠାରୁ ବେଲମୁଣ୍ଡା ଗ୍ରାମକୁ ଆସୁଥିଲେ। ସୋଢାମାଲ ପୂର୍ବରୁ ରେଙ୍ଗାଲପାଲି କ୍ରସର ନିକଟରେ ରାତି ୧୧ଟା ପାଖାପାଖି ରାସ୍ତାକଡରେ ରହିଥିବା ଏକ ନିମ୍ବ ଗଛରେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ବାଇକ ଚଲାଉଥିବା ନରେଶ ଓ ମଝିରେ ବସିଥିବା ଦିନେଶଙ୍କ ମୃତ୍ୟୁ ହୋଇଥିଲା। ଏସଡିପିଓ ଉମାଶଙ୍କର ସିଂ, କୋଲାବିରା ଥାନା ଉପନିରୀକ୍ଷକ ସନ୍ତୋଷ ପ୍ରଧାନ ସଦଳବଳ ପହଞ୍ଚି ମୃତଦେହ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ବାଇକକୁ ଜବତ୍ କରିବା ସହିତ ଅନିଲକୁ ପଚରା ଉଚୁରା ପରେ ଦିନେଶ ଗାଡି ଚଲାଉଥିବା ପ୍ରକାଶ କରିଥିଲେ। ମୃତ ନରେଶଙ୍କ ସ୍ତ୍ରୀ ଓ ପିଲା ଅଛନ୍ତି। ଦିନେଶ ଅବିବାହିତ ଥିଲେ। ସୋଢାମାଲ ଗ୍ରାମ ଶ୍ମଶାନରେ ଉଭୟଙ୍କ ଶବ ସତ୍କାର କରାଯାଇଛି।

# ତ୍ରୁଟିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ଆହ୍ୱାନ

ଝାରସୁଗୁଡା, ୧୭।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ବାର୍ଷିକ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷାର ଠିକ ପରିଚାଳନା ପାଇଁ ସୋମବାର ଏକ ଓରିଏଣ୍ଟସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ଜିଲା କାର୍ଯ୍ୟାଳୟର ଡିଏମ୍‌ଏଫ ହଲରେ ଏହି କାର୍ଯ୍ୟକ୍ରମ ମଧ୍ୟାହ୍ନ ୧୨ ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଏଡିଏମ୍ ବ୍ରଜବନ୍ଧୁ ଭୋଇ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଶାନ୍ତ କୁମାର ଘୁଟା ଯୋଗଦେଇ ପରୀକ୍ଷାଗୁଡିକର ସୁପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲା ଶିକ୍ଷା



ପରୀକ୍ଷା ପରିଚାଳନା ପାଇଁ ଜିଲାସ୍ତରୀୟ ବୈଠକରେ ଉପସ୍ଥିତ ଅଧିକାରୀ।

ଅଧିକାରୀ ରାଧାକାନ୍ତ ଗଡ଼ତିଆ ପରୀକ୍ଷା କେନ୍ଦ୍ରଗୁଡିକର ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହାସହିତ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକମାନଙ୍କର ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଝାରସୁଗୁଡା ଏଲ.ଏନ. କଲେଜର ଅଧାପକ ବିଜେନ୍ଦ୍ର ଜ୍ୟୋତିଷ ଓ ରକି ବିଶ୍ୱାଳ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଓ ଯୁକ୍ତ ୨ପରୀକ୍ଷା ସହିତ ଜଡିତ ସମସ୍ତ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି

### ମାଟ୍ରିକ ଓ ଯୁକ୍ତ ୨ପରୀକ୍ଷା ଠିକ୍ ପରିଚାଳନା ପାଇଁ ଜିଲାସ୍ତରୀୟ ବୈଠକ

କାର୍ଯ୍ୟକ୍ରମରେ ଜିଲାର ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ର ପାଇଁ ନିଯୁକ୍ତ ହୋଇଥିବା ୨୦ଜଣ ଅଧୀକ୍ଷକ ଓ ୨୦ ପର୍ଯ୍ୟବେକ୍ଷକ ଓ ମାଟ୍ରିକ ପାଇଁ ନିଯୁକ୍ତ ୪୦ଜଣ ଅଧୀକ୍ଷକ, ୪୦ପର୍ଯ୍ୟବେକ୍ଷକ, ୨୦ଟି ଡେସ୍ପାଚ ଟିମ୍‌ର ଅଧିକାରୀମାନେ ଯୋଗଦାନ କରିବା ପୂର୍ବକ ସେମାନଙ୍କର ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଦୂର କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ତ୍ରୁଟିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ସମସ୍ତଙ୍କୁ ଆହ୍ୱାନ, ଉତ୍ସାହିତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନା ଅଧିକାର ଆଇନ ତାଲିମ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼, ୧୭।୨(ଶଶାଙ୍କ ଶେଖର ଝାଙ୍କର)

ସାମାଜିକ ଅନୁଷ୍ଠାନ 'ସମାଧାନ' ଆନୁକୂଲ୍ୟରେ ତିଲେଇବଣି ବ୍ଲକ କେନ୍ଦେଇଜୁରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ସଶକ୍ତ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଦିବସୀୟ ସୂଚନା ଅଧିକାର ଆଇନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଧାନ ସମ୍ପାଦକ ପ୍ରମୋଦ କୁମାର ସାହୁ, ସୂଚନା ଅଧିକାର କର୍ମୀ ବିଜୟ କୁମାର ପ୍ରଧାନ, ଡୋଳାକର ଭୋଇ, କେନ୍ଦେଇଜୁରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ସବିତା ବିଡ୍ରିଆ, ଏମବିକେ ଗୀତା ମିଞ୍ଜ ଓ ଈଶ୍ୱର ଛତ୍ରିଆ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସୂଚନା ଅଧିକାରକୁ ଅଧିକ ବଳଷ୍ଠ କରିବା, ଅଧିକରୁ ଅଧିକ ସୂଚନା ମାଗି ନିଜର ଅଧିକାର ସାବ୍ୟସ୍ତ କରିବା, ଦୁର୍ନୀତିମୁକ୍ତ ରଷ୍ଟ୍ର ଗଠନ, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ଏବଂ ପରିବେଶ ସୁରକ୍ଷା ଉପରେ ଉପସ୍ଥିତ କର୍ମୀମାନଙ୍କୁ ଏହି ଅବସରରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁମୁଦ ବନ୍ଧୁ ଦେହୁରୀ, ନେଭିତ ସାହୁ, ଶୁଷମା ପ୍ରଧାନ ଓ ଲଳିତା ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ତାଲିମ ହାସଲ କରିଥିଲେ।

# ପୌର ପରିଷଦ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ପୌର ପରିଷଦ କାର୍ଯ୍ୟାଳୟରେ ଲୋକେ ଅଭିଯୋଗ କରୁଛନ୍ତି।

ଦେବଗଡ଼, ୧୭।୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୪୫ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଏବଂ ପୌର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଉପସ୍ଥିତ ରହି ଜନସାଧାରଣ ଆଣିଥିବା ଅଭିଯୋଗ ସବୁ ଗ୍ରହଣ କରିଥିଲେ। ଏଥିସହ ଏହି ଅବସରରେ ଜନସାଧାରଣ ଆଣିଥିବା କିଛି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ ଗତ କାଉନସିଲ ବୈଠକରେ ପ୍ରତି ମାସ ୩ୟ ସୋମବାର ଅଭିଯୋଗ ଶୁଣାଣି ଶିବିର ଆୟୋଜନ ନିମନ୍ତେ ନିଷ୍ପତି ନିଆଯାଇଥିବାବେଳେ ସୋମବାର ପ୍ରଥମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୌରାଞ୍ଚଳ ଅଧିନରେ ଥିବା ବିଭିନ୍ନ ସମସ୍ୟା ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ମୁଖ୍ୟତଃ ୬, ୨, ୮ ଏବଂ ୧ ନମ୍ବର ୱାର୍ଡରେ ଡ୍ରେନ ସମସ୍ୟା ଏବଂ ୧୦ ଓ ୩ ନମ୍ବର ୱାର୍ଡରେ ଷ୍ଟ୍ରିଟ ଲାଇଟ ସମସ୍ୟା ସମେତ ଥଣ୍ଡା ପାନୀୟ ଜଳ, ରାସନ କାର୍ଡରେ ନାମ ସଂଯୋଗ, କେୱାଇସି ଅପଡେଟ, ଭିନ୍ନକ୍ଷମ ଭତ୍ତା ନେଇ ଅଭିଯୋଗ ହୋଇଥିବା ଜଣାପଡିଛି। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପୌରାଞ୍ଚଳର ବହୁ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ।

### ଝାରସୁଗୁଡ଼ାକୁ ହରାଇ ବେଲପାହାଡ଼ ସେମିରେ

#### ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା

ବ୍ରଜରାଜନଗର, ୧୭।୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳର ଓରିଏଣ୍ଟ ଗ୍ରାଉଣ୍ଡରେ ଚାଲିଥିବା ଚତୁର୍ଥ ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ ମ୍ୟାଚର ପ୍ରଥମ ସେମିଫାଇନାଲ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡ଼ା ଓ ଲିଓ କ୍ରିକେଟ କ୍ଲବ ବେଲପାହାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୩୫ ଓଭର୍ ଭିତରେ ସମସ୍ତ ଉଇକେଟ ହରାଇ ୧୫୫ ରନ କରିଥିଲେ। ବେଲପାହାଡ଼ ଦଳ ୩୧ ଓଭର୍‌ରେ ୧୫୯ ରନ କରି ପ୍ରଥମ ଦଳ ଭାବରେ ଫାଇନାଲକୁ ପ୍ରବେଶ କରିଛି। ଅଭିଜ୍ଞ ଆମ୍ପିୟର୍ ଅନିରୁଦ୍ଧ କେୱାଟ ଓ ଗଣେଶ ମରାଇ ଖେଳ ପରିଚାଳନା କରିଥିଲେ। ପୂର୍ବତନ କ୍ରିକେଟ ଖେଳାଳି ଜି.ତୁଳସୀ ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବ୍ରଜରାଜନଗର କ୍ରିକେଟ କ୍ଲବ ଓ ଅମ୍ବିସନ କ୍ରିକେଟ କ୍ଲବର ସଦସ୍ୟମାନେ ସହାୟତା ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଦେବଗଡ଼, ୧୭।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ ଛେପିଲିପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ଜନସାଧାରଣ ଆଣିଥିବା ୨୨ଟି ଅଭିଯୋଗ ଶୁଣିବା ସହିତ ତଦନ୍ତ କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷକରି ଉଠା ଜଳସେଚନ, ବିଦ୍ୟୁତ୍ ସଂଯୋଗ, ରାସ୍ତା ପାଇଁ ଜାଗା ଚିହ୍ନଟ ସମେତ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଉପଜିଲାପାଳ ପରିକ୍ଷିତ ସାହୁ, ତିଲେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ସାମିଲ ହୋଇଥିଲେ ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଯୁବ ସଂସଦ କାର୍ଯ୍ୟକ୍ରମ



ଖୁସି ମୁହୂର୍ତ୍ତରେ ଭାରତ ସରକାରଙ୍କଠାରୁ ପାଇଥିବା ପ୍ରମାଣପତ୍ର ସହ ଏଲ୍‌ଏନ୍ କଲେଜ ଛାତ୍ରୀଛାତ୍ର ଓ ଅଧାପକମାନେ।

ଝାରସୁଗୁଡ଼ା, ୧୭।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ଗତ ଡିସେମ୍ବର ୨୫ରେ ଜାତୀୟ ଭୋଟର ଦିବସ ଉପଲକ୍ଷେ 'ଯୁବ ସଂସଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭଗର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇ ସଂସଦ ପରିଚାଳନା, ବିତର୍କ, ଗଣତନ୍ତ୍ରର ସୁରକ୍ଷା, ବାକ ସ୍ୱାଧୀନତା ତଥା ସମ୍ବିଧାନର ସୁରକ୍ଷା ଉପରେ ଖୁବ ଉଚ୍ଚ ଧରଣର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଉପରେ ତର୍କ ତଥା ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ଭିଡିଓ ଲୋକ ସଭା ସଚିବାଳୟକୁ ପଠାଇ ଦିଆଯାଇଥିଲା। ଏହି ତର୍କକୁ ପାର୍ଲାମେଣ୍ଟ ପକ୍ଷରୁ ଯାଞ୍ଚ ପରେ ଖୁବ ପ୍ରଶଂସା କରାଯାଇ ସଚିବାଳୟ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ଆୟୋଜକଙ୍କୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମ ରାଜନୀତି ବିଜ୍ଞାନ ଅଧାପକ ତପନ ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ମୁଖ୍ୟ ଅଧାପକ ରକି ବିଶ୍ୱାଳ, ଅଧାପିକା ଡ. ସୁଚରିତା ଦାଶ, ପାଧାପକ ତପନ କୁମାର ବାରିକ, ପ୍ରାଧାପିକା ପୂର୍ଣ୍ଣିମାମୟୀ ଦାଶ, ଅଧାପକ ହିମାଂଶୁ ଶେଖର ମହାକୁଡ଼ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଅଧାପିକା ସହଯୋଗ କରିଥିଲେ। ରବିବାର ପ୍ରମାଣ ପତ୍ର ମିଳିବା ପରେ ଅଧକ୍ଷା ଡ. ସ୍ନେହଲତା ମିଶ୍ର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ଓପିଏମ୍‌ର ପୂର୍ବତନ ଅଧିକାରୀଙ୍କ ପରଲୋକ

କୋଲାବିରା, ୧୭।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ(ଓପିଏମ୍)ର ଜଣେ ଅବସରପ୍ରାପ୍ତ ଅଧିକାରୀ ତଥା କୋଲାବିରା ସମାସିଂହା ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ସୋମବାର ୯୩ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଦୟାବାନ ବ୍ୟକ୍ତି ଭାବରେ ଲୋକଙ୍କ ନିକଟରେ ଅପାସୋରା ହୋଇରହିଥିଲେ। ସମାସିଂହାସ୍ଥିତ ନିଜ ବାସ ଭବନରେ ରାତିରେ ତାଙ୍କର ପରଲୋକ ହୋଇଥିବାବେଳେ ତାଙ୍କର ଅନ୍ତିମ ସତ୍କାର ସମ୍ବଲପୁରସ୍ଥିତ ରାଜଘାଟରେ ସୋମବାର କରାଯାଇଥିଲା। ପୁତ୍ର ଆଦିତ୍ୟ କୁମାର ପଣ୍ଡା ମୁଖାଗ୍ନୀ ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ବିଡିଓଙ୍କ ହସ୍ତକ୍ଷେପ ପରେ ବିବାଦୀୟ ୟୁଟିଲିଟି ସେଣ୍ଟର ନିର୍ମାଣର ଭୂମିପୂଜନ

ଝାରସୁଗୁଡ଼ା, ୧୭।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ୩୫ ଲକ୍ଷ ବ୍ୟୟ ଅଟକଳର ୟୁଟିଲିଟ ସେଣ୍ଟର ନିର୍ମାଣ ଦିଗରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଞ୍ଚାୟତ ପଲ୍ଲୀ ସଭାରେ ବିରୋଧ ପରେ ପଞ୍ଚାୟତ ପରିସରରେ ନିର୍ମାଣାଧୀନ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ପହଞ୍ଚି ଏହାର କାର୍ଯ୍ୟ ଉପରେ ଆଲୋଚନା କରି ଫେରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଥମରୁ ପ୍ରସ୍ତାବିତ ସ୍ଥାନ ବନ୍ଧବାହାଲ ମାଝୀପଡାଠାରେ ନିର୍ମାଣ ହେବାକୁ ଥିବା ସ୍ଥାନ ଉପରେ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ରବିବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ୱାଡ ସଭ୍ୟ, ସମିତି ସଭ୍ୟ, ସ୍ଥାନୀୟ ନେତୃମଣ୍ଡଳୀ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ମଧ୍ୟ ସାମାନ୍ୟ କଥା କଟି ପରେ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ ସୋମବାର ମାଝୀପଡାଠାରେ ୟୁଟିଲିଟ ସେଣ୍ଟର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଥିଲା। ଏହି ଭୂମିପୂଜନରେ ବନ୍ଧବାହାଲ ସମିତି ସଭ୍ୟ ପଦ୍ମିନୀ ସିଂ, ବନ୍ଧବାହାଲ ନାଏବ ସରପଞ୍ଚ ଅଶୋକ ସାଇଁ, କେତେଜଣ ୱାର୍ଡ ସଭ୍ୟ, ମାଝୀପଡା ଜନସାଧାରଣଙ୍କ ସହ ଯନ୍ତ୍ରୀ ଉପସ୍ଥିତ ରହି ୟୁଟିଲିଟ ସେଣ୍ଟର ନିର୍ମାଣ ସ୍ଥାନରେ ନଡ଼ିଆ ଭାଙ୍ଗିଥିଲେ।

# ବିଶାଶହେ କୁଲତା ସମାଜର ବାର୍ଷିକ ବନ୍ଧୁମିଳନ

ଝାରସୁଗୁଡ଼ା, ୧୭।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ସାହାପଡା କୀର୍ତ୍ତନ ମଣ୍ଡପଠାରେ ବିଶାଶହେ କୁଲତା ସମାଜ ରାମପୁର ପ୍ରଗଣା ସାପାଲିର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ୧୧ ଟାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କତରବଗା ପ୍ରଗଣାର ରମେଶ ବାରିକ ଯୋଗଦେଇ ବିଶାଶହେ ସମାଜ ଉତ୍ତମ ସାମାଜିକ ମୂଲ୍ୟବୋଧ, ଅର୍ଥନୈତିକ ପ୍ରଗତୀ, ଉନ୍ନତ ମାନର କୃଷି ଓ ବୈଷୟିକ ଚିନ୍ତାଧାରା, କଳା ସଂସ୍କୃତି, ଐତିହ୍ୟ ପରମ୍ପରା ସହ ସମାଜର ସମସ୍ତ ବର୍ଗଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରି ଶାନ୍ତିଶୃଙ୍ଖଳା ସହ ଜୀବନ ଯାପନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜମିରାପାଲିର କମଲଲୋଚନ ସାହୁ ଯୋଗଦେଇ ସମାଜର ପ୍ରତ୍ୟେକ ଲୋକଙ୍କୁ ବାନ୍ଧି ରଖିବା ସହ ସାମାଜିକ ସଦ୍‌ଭାବନା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ବୋଲି କହିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଅବଦାନ ଦେଇଥିବା ମହିଳାଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଛି। ରାମପୁର ପ୍ରଗଣାର ସଭାପତି ସଦାନନ୍ଦ ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦିତ୍ୟ ପାତ୍ର, ପବିତ୍ର ସାହୁ, ଲଳିତ ସା, ପୁଷ୍ପା ସାହୁ, ଆନନ୍ଦ ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ ଲୋକ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



କୁଲତା ସମାଜ ବାର୍ଷିକ ବନ୍ଧୁମିଳନରେ କର୍ମକର୍ତ୍ତା।

# ଭାଜପା ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରାହେବ

### ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୧୭।୨(ଆଶିଷ ରଞ୍ଜନ ଦାଶ)

ଭାରତୀୟ ଜନତା ପାର୍ଟିର ଝାରସୁଗୁଡ଼ା ଜିଲା ନୂତନ ସଭାପତି ହୋଇଥିବା ରଘୁନନ୍ଦନ ପଣ୍ଡାଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ରଘୁନନ୍ଦନଙ୍କ ନାମ ରବିବାର ପ୍ରଦେଶ କାର୍ଯ୍ୟାଳୟରୁ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କଲା ପରେ ଜିଲ୍ଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଉଲ୍ଲାସର ବାତାବରଣ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନ ୫ଟାରେ ଝାରସୁଗୁଡା ଭାଜପା ଜିଲ୍ଲା କାର୍ଯ୍ୟାଳୟଠାରେ ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଜିଲା ଉପସଭାପତି ନୱଲ ଅଗ୍ରୱାଲଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାଜପା କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପଞ୍ଚଗାଁ ମଣ୍ଡଳ ସଭାପତି ସୁଶାନ୍ତ ଚଇନି, ପ୍ରତିନିଧି ସଞ୍ଜୟ ଭୋଇ ଓ ମଣ୍ଡଳର କାର୍ଯ୍ୟକର୍ତ୍ତା, ଲଖନପୁର ମଣ୍ଡଳର ସଭାପତି ଟିକେତ ସାହୁ, ପ୍ରତିନିଧି କ୍ଷିତିଭୂଷଣ ପଧାନ ଓ କାର୍ଯ୍ୟକର୍ତା, ବନ୍ଧବାହାଲ ମଣ୍ଡଳ ସଭାପତି ରତ୍ନାକର ପଧାନ, ପ୍ରତିନିଧି ବିଜୟ ସେଠ, ବେଲପାହାଡ ମଣ୍ଡଳ ସଭାପତି ମୋନାଲିସା ମୋଡକ, ପ୍ରତିନିଧି କୈଳାସ ନାଏକ, ବ୍ରଜରାଜନଗର ମଣ୍ଡଳର ସଭାପତି ରୁକମଣ ଧୂରୁଆ, ରାଜପୁର ମଣ୍ଡଳର ସଭାପତି ସୁଶାନ୍ତ କିସାନ, ପ୍ରତିନିଧି ପିଣ୍ଟୁ ସେଠ ପ୍ରମୁଖ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିଭଳି ଝାରସୁଗୁଡା ବିଧାନସଭା ସଭାର ପାକେଲପଡ଼ା ମଣ୍ଡଳର ସଭାପତି କୁଳମଣି କିସାନ, ପ୍ରତିନିଧି ମୌଜିଲାଲ ଦନସେନା, କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ପ୍ରତିନିଧି ବିଜୟ ଶର୍ମା, କୁଲାବିରାର ସଭାପତି ରାଜେଶ ଦାସ, ଲଇକେରା ସଭାପତି ଦ୍ୱିତୀୟ ଓରାମ, ପ୍ରତିନିଧି ବାସନ୍ତୀ ନାଏକ, ବରିଷ୍ଠ ଓକିଲ ସତ୍ୟ ନାରାୟଣ ବହିଦାରଙ୍କ ନେତୃତ୍ୱରେ ଭାଜପା ଲିଗାଲ ସେଲର ସମସ୍ତ ଓକିଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲଙ୍କ ନେତୃତ୍ୱରେ ସମସ୍ତ ମହିଳା ମୋର୍ଚ୍ଚା, ଜିଲ୍ଲା ଅନୁସୁଚିତ ଜାତି ସଭାପତି ମନୋଜ କଲେତଙ୍କ ନେତୃତ୍ୱରେ ସମସ୍ତ ଅନୁସୂଚିତ ଜାତିର କାର୍ଯ୍ୟକର୍ତ୍ତା ପ୍ରମୁଖ ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ଜିଲ୍ଲା ସଭାପତି ତାଙ୍କ ବକ୍ତବ୍ୟରେ କହିଛନ୍ତି, ଜିଲାର ସଙ୍ଗଠନକୁ ତୃଣମୂଳସ୍ତରରୁ ମଜବୁତ କରାହେବ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଙ୍ଗଠନକୁ ପ୍ରସ୍ତୁତ କରିବା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକଭିମୁଖୀ ଯୋଜନାକୁ ସବୁ ଲୋକଙ୍କ ପାଖରେ ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ ହେବ ବୋଲି କହିଥିଲେ।



ଝାରସୁଗୁଡ଼ା ଭାଜପା ନୂତନ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ଲୋଇସିଂହା,୧୭।୨(ସୁଶାନ୍ତ ବାରିକ)**

ସୋମବାର ବଲାଙ୍ଗୀର ଜିଲା ଆଗଲପୁର ଥାନା ରିନବଚନ ଓ ଉଚବାହାଲ ମଝିରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରିନବଚନ ଗ୍ରାମର ବୁଧୁ ନାଗ (୭୦)। ଖବରପାଇ ଆଗଲପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି । ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ରିନବଚନ ଗ୍ରାମର ବୁଧୁ ସନ୍ଧ୍ୟାରେ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଆଗଲପୁର ଡାକ୍ତରଖାନା ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନିର୍ଯାତିତ ଦାଦନ ଶ୍ରମିକ ପରିବାରଙ୍କୁ କାମ ଯୋଗାଇଲା ପ୍ରଶାସନ


ତେଲଙ୍ଗାନାରେ ନିର୍ଯାତିତ ଶ୍ରମିକ ନିଜ ଗ୍ରାମକୁ ଫେରି ମାଟି କାମ କରୁଛନ୍ତି ।

### ୬ ପରିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ନିୟୋଜିତ

**ଲାଠୋର,୧୭।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡୋଲମାନ୍ଦଲ ଗ୍ରାମର ନିର୍ଯାତିତ ୬ ଦାଦନ ଶ୍ରମିକ ପରିବାରଙ୍କୁ ପ୍ରଶାସନ କାମ ଯୋଗାଇ ଦେଇଛି । ଏହି ଶ୍ରମିକ ପରବାର ଗତ ନଭେମ୍ବର ମାସରେ ତେଲଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରେ ମାଲିକଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ । ସଂପୃକ୍ତ ଶ୍ରମିକ ପରିବାରଙ୍କ ମଧ୍ୟରୁ ଏକ ପରିବାରର ଭଗବତୀ ପରଭୁଏ ନାମ୍ନୀ ଜଣେ ମହିଳା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏ ନେଇ ଲିଖିତ ଅଭିଯୋଗ ଦାଖଲ କରି ନିର୍ଯାତିତ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଶ୍ରମ ବିଭାଗ ସରକାରୀ ନିୟମ ଅନୁଯାୟୀ ଶ୍ରମିକ ପରିବାର ସଦସ୍ୟଙ୍କୁ ସେଠାରୁ ଗତ ୪ ତାରିଖ ଦିନ ଉଦ୍ଧାର କରିଥିଲା । ୨୨ ମହିଳା,ପୁରୁଷ ଏବଂ ୬ ଶିଶୁ ନିଜ ଗ୍ରାମକୁ ସୁରକ୍ଷିତ ଫେରିଥିଲେ । ଘରକୁ ଫେରିଲା ପରେ ସେମାନେ କିପରି ପରିବାର ପ୍ରତିପୋଷଣ କରିବେ ଚିନ୍ତାରେ ରହିଥିଲେ । କିନ୍ତୁ ତୁରେକେଲା ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ କେଶବ ବେହେରା ଏବଂ ଡୋଲମାନ୍ଦଲ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରମାନନ୍ଦ ଭୋଇ ସଂପୃକ୍ତ ଶ୍ରମିକମାନଙ୍କ ଘରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ସମସ୍ତ ବିଷୟ ବୁଝିଥିଲେ । ପରିବାର ଚଳାଇବା ପାଇଁ ଶ୍ରମିକ ମାନେ କାମ ଯୋଗାଇ ଦେବାକୁ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ । ସେହିପରି ଅତିରିକ୍ତ ଶ୍ରମ ଅଧିକାରୀ ଯୋଗ୍ୟ ଶ୍ରମିକମାନଙ୍କୁ ଶ୍ରମ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏମ୍ପ୍ଲଏମେଣ୍ଟ ସାର୍ଟିଫିକେଟ ଦେଇଥିଲେ । ବିଡ଼ିଓ ଶ୍ରମିକମାନଙ୍କୁ ବର୍ତ୍ତମାନ ଏମ୍‌ଜିଏନଆରଇଜିଏସ ଯୋଜନାରେ ସାମିଲ କରି ମାଟି କାମରେ ନିୟୋଜିତ କରିଛନ୍ତି। ଶ୍ରମିକମାନେ ନିଜ ଗ୍ରାମରେ ମାଟି କାମ ପାଇ ଉଭୟ ଶ୍ରମ ବିଭାଗ ଓ ବ୍ଲକ ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି ।

# କଂଗ୍ରେସର ପ୍ରସ୍ତୁତି ବୈଠକ


ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ ।

**ଟିଟିଲାଗଡ଼,୧୭।୨(ସନ୍ତୋଷ ପଟ୍ଟନାୟକ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କଂଗ୍ରେସ ନେତା ବିରେନ୍ଦ୍ର ବାଗଙ୍କ ଆବାହକତ୍ୱରେ ତଥା ଦେବାନନ୍ଦ ସାହୁଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ନୂତନ ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା ବାହାରିବ । ଦଳକୁ ସଂଗଠିତ ତଥା ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହି ପଦଯାତ୍ରା କରାଯିବ। ସେଥିପାଇଁ ସମସ୍ତ କଂଗ୍ରେସ ପ୍ରେମୀ ଏକଜୁଟ ହେବା ସହ ପଦଯାତ୍ରାରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଶିବ ପରିଡା, ଦୀପକ ସମାଦ୍ଦାର, ନିତ୍ୟାନନ୍ଦ ମାଝୀ, ଯତୀନ ମହାନ୍ତି, ସୁମନ ବେହେରା, ଶଶୀ ସୁନାଙ୍କ ସମେତ ବହୁ କଂଗ୍ରେସ ପ୍ରେମୀ ଯୋଗ ଦେଇଥିଲେ।

# ଜୁନିୟର ରେଡ୍‌କ୍ରସ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥି ।

**ଖପ୍ରାଖୋଲ,୧୭।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହର ଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପାଟଣାଗଡ ଉପଖଣ୍ଡସ୍ତରୀୟ ଜୁନିୟର ରେଡ କ୍ରସର ପରାମର୍ଶଦାତାଙ୍କ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ରଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଇରାମ ସାହୁ ଯୋଗଦେଇ ଜୁନିୟର ରେଡକ୍ରସର ଦାୟିତ୍ୱ ଓ ଜନସେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଲିମଦାତା ଭାବେ ରବୀନ୍ଦ୍ର ଥେଟୁଆଲ, ଘନଶ୍ୟାମ ମେହେର, ଯଦୁମଣି ବରର୍ତ୍ତି, ଅରବିନ୍ଦ କୁମ୍ଭାର ଯୋଗଦେଇ ପରାମର୍ଶଦାତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟ ପରାମର୍ଶଦାତା ହେମାସାଗର ପଧାନ, ଅଜୟ ଭୋଇଙ୍କ ସମେତ ଖପ୍ରାଖୋଲ, ବେଲପଡ଼ା ଓ ପାଟଣାଗଡ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ପରାମର୍ଶ ଦାତା ଯୋଗଦେଇଥିଲେ । ବ୍ଲକ ସଂଯୋଜକ ଶରତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବୋତ୍ତମ ହେବାକୁ ପରାମର୍ଶ

### ■ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା

### ■ ଦେଶ ଶିକ୍ଷଣ ସଙ୍କଟ ଦେଇ ଗତି କରୁଛି : ସଂଯୋଜିକା

**ଲୋଇସିଂହା,୧୭।୨(ସୁଶାନ୍ତ ବାରିକ)**

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଅଭିବୃଦ୍ଧି ସମ୍ବନ୍ଧୀୟ ୯୦ ଶିକ୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅତିଥି,ଅଭିଭାବକ ,ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ବିଇଓ ରୀନାକୁମାରୀ ବେହେରା ଅଧକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ମୁଖ୍ୟଅତିଥି, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ମମତା ମଞ୍ଜରୀ ସାହୁ,ଏବିଓ ଟଙ୍କଧର ଭୋଇ, ଆୟୋଜକ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଛତ୍ରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଅତିଥିମାନେ କେନ୍ଦ୍ର ସରକାରଙ୍କ ଏଭଳି ଅଭିମୁଖ୍ୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ। ଏହାଛଡା ଅଭିଭାବକମାନେ ଯତ୍ନବାନ ହୋଇ ନିଜ ପିଲାଙ୍କୁ ଘରେ ପାଠପଢା କ୍ଷେତ୍ରରେ ସମୟ ଦେବାକୁ ପରାମର୍ଶ ଦେଇଥିଲେ । ବିଇଓ ରୀନାକୁମାରୀ କହିଥିଲେ, ନିପୁଣତାର ଅର୍ଥ ହେଉଛି ଦକ୍ଷ । ଦକ୍ଷ ସେହି ଶିଶୁ ହେବ ଯିଏ ଭଲରେ ହସିବ, ଭାବିବ, କଳ୍ପନା କରି ଶିଖିବ, ଚିନ୍ତା କରି ଶିଖିବ, କହିବା ଓ ଶୁଣିବା ଶିଖିବ । ତାହା ହିଁ ନିପୁଣତାର ପରିଚୟ । ଜଣେ ମଧ ପିଲା ଯେପରି ତୃତୀୟ ଶ୍ରେଣୀ ପାସ୍ କଲାବେଳକୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରୁ ବାଦ ନ ପଡିବେ । ଏଥିପାଇଁ ଆଜି ସଂକଳ୍ପ ନେଇଛେ । ହର୍ଷ ଉଲ୍ଲାସ ଶିକ୍ଷା ହେଉଛି ନିପୁଣ ଓଡିଶାର ଲକ୍ଷ୍ୟ । ଏହି ଅବସରରେ ସେ ଦକ୍ଷତା ବୃଦ୍ଧି ସହ ସମ୍ପୂର୍ଣ୍ଣ ଓ ସର୍ବୋତ୍ତମ ହେବାକୁ ପରାମର୍ଶ ଦେଇଥିଲେ । ସଂଯୋଜିକା ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ, ସର୍ବେକ୍ଷଣରୁ ଜଣାପଡିଛି , ଦେଶ ଶିକ୍ଷଣ ସଙ୍କଟ ଦେଇ ଗତି କରୁଛି । ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ପିଲା ଭାଷା ଓ ଗଣିତର ସର୍ବନିମ୍ନ ଦକ୍ଷତା ହାସଲ କରିପାରିନାହାନ୍ତି । ଯାହାକି ଦେଶ ପାଇଁ ଚିନ୍ତାର ବିଷୟ ବୋଲି ସେ କହିଥିଲେ । ସମସ୍ତଙ୍କ ସହଯୋଗରେ ପିଲାଙ୍କ ଶିକ୍ଷଣ ଉପଲବ୍ଧି ସ୍ତରକୁ ଆଗକୁ ନେବା ଏବଂ ଭାଷା ଓ ଗଣିତର ସର୍ବନିମ୍ନ ଦକ୍ଷତା ହାସଲ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପିଲାଙ୍କ ଶିକ୍ଷା ମଜଭୁତ କରିବାକୁ ହେଲେ ଅଭିଭାବକଙ୍କୁ ହୃଦୟଙ୍ଗମ କରିବାକୁ ପଡିବ ବୋଲି ସେ କହିଥିଲେ । ଉଦ୍ଯାପନୀ ସମାରୋହରେ ବିଡ଼ିଓ ମହାପାତ୍ର କୁଳଦୀପ ମହାନ୍ତି ଓ ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ ଯୋଗଦାନ କରିଥିଲେ । ସିଆରସିସି ନିତ୍ୟାନନ୍ଦ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଅମ୍ବୁଜ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।


ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ଅତିଥି ଓ ଅଧିକାରୀ।

# ଗଞ୍ଜେଇ ସହ କାର୍ ଜବତ: ୨ କୋର୍ଟ ଚାଲାଣ


ପୋଲିସ ଦ୍ୱାରା ଜବତ ଗଞ୍ଜେଇ ।

**ଦେଓଗାଁ,୧୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ସୋମବାର ଦେଓଗାଁ ବ୍ଲକର ଆଦର୍ଶ ବିଦ୍ୟାଳୟ ନିକଟରେ ପୋଲିସ ଚଢାଉ କରି ୨୮ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ କାର୍ ଓ ମୋବାଇଲ ଫୋନ ଜବତ ହୋଇଛି । ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ରାଜ୍ୟ ଧନ ଜିଲା ଅନ୍ତର୍ଗତ ମୁରାଗାହାବା ଗାଁର ଲାଲବିହାରୀ ଚୌଧୁରୀ(୪୨) ଓ ରାନୀ ଦେବୀ(୩୪) । ପ୍ରକାଶ ଯେ, ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଦେଓଗାଁ ବ୍ଲକ ମହଲାଇ ଦେଇ ଜରାସିଂହା ରାସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏଏସଆଇ ଆର.ସାହୁ, ବି.ଡି. ବେହେରା ,ଜେ.ବରର୍ତ୍ତି , ଆର.କେ ପାତ୍ର ପ୍ରମୁଖ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଉଡାର ଯିବା ରାସ୍ତାରେ ଏକ କାର୍‌କୁ ଅଟକାଇ ଥିଲେ । ହେଲେ ଚାଳକ କାର୍‌ର ଚାବିକୁ ନେଇ ଫେରାର ମାରିଥିଲେ । ସେଥିରେ ବସିଥିବା ଅନ୍ୟ ଦୁଇଜଣ ମହିଳା ପୁରୁଷଙ୍କୁ ପୋଲିସ ଅଟକ ରଖି କାର୍‌କୁ ଯାଞ୍ଚ କରିଥିଲା । ସେଥିରୁ ୨୮କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଅତିରିକ୍ତ ତହସିଲଦାର ବ୍ୟୋମକେଶ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା । କାର୍‌ର ନମ୍ବର ବଦଳାଇ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡିଛି । ସଂପୃକ୍ତ ପୁରୁଷ ଓ ମହିଳା ଗଞ୍ଜେଇ ଚାଲାଣକୁ ସ୍ୱୀକାର କରିଥିବା ବେଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମୁଣ୍ଡା ସୂଚନା ଦେଇଛନ୍ତି । ଏ ନେଇ ଥାନାରେ ନଂ ୫୫/୨୫ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ତିନିଦିନ ମଧ୍ୟରେ ଦୁଇଟି ଗଞ୍ଜେଇ ଚୋରା ଚାଲାଣ ଧରାପଡିଥିବା ବେଳେ ଉଭୟ ଘଟଣାରେ ବାହାର ରାଜ୍ୟର ସମ୍ପୃକ୍ତି ରହିଛି ।

# ସାଲେପାଲିରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ବୟୋଜ୍ୟେଷ୍ଠ ନାଗରିକ ଆବାସଠାରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆବାସର କାର୍ଯ୍ୟନିର୍ବାହୀ ଶିବପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦିବ୍ୟ ଶଙ୍କର ପତି ,ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପିଏଚସିର ଡା. ଶୁଶାନ୍ତ ଶେଖର ମେହେର, ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲ, ହୃଦୟାନନ୍ଦ ଷଡଙ୍ଗୀ ଯୋଗଦେଇ ସୁସ୍ଥ ରହିବାପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶେଷରେ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷଦେବ ମେହେର, ସଦାନନ୍ଦ ସାହୁ, ଧିରେଶ କୁମାର ସାହୁ, ଚତୁର୍ଭୂଜ ଭୋଇ, ସଞ୍ଜୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ଅବକାରୀ ଚଢାଉ: ୧୦୦ ବୋତଲ କଫ ସିରପ୍ ଜବତ

**କଣ୍ଟାବାଞ୍ଜି,୧୭।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ଭୋର ସମୟରେ ଚଢାଉ କରାଯାଇ ୧୦୦ ବୋତଲ କଫ ସିରପ୍ ଜବତ ହୋଇଛି । ଏହି ଘଟଣାରେ ସୀତାରାମ ସା (୩୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବଙ୍ଗୋମୁଣ୍ଡା ଥାନା ଦନ୍ଦରା ଗ୍ରାମର ସୀତାରାମ ବେଆଇନ ଭାବେ କଫ ସିରପ୍ ମହଜୁଦ ରଖି କଳାବଜାର କରୁଥିବା ଖବର ପାଇ ବିଭାଗ ତରଫରୁ ଅତର୍କିତ ଭାବେ ଚଢାଉ କରାଯାଇଥିଲା । ଚଢାଉ ବେଳେ ଅଭିଯୁକ୍ତଙ୍କ ଠାରୁ କଫ ସିରଫ ଜବତ ହୋଇଥିଲା । ଏନେଇ ବଙ୍ଗୋମୁଣ୍ଡା ଅବକାରୀ ଥାନାରେ ଏକ ମାମଲା (କେସ ନଂ. ୧୮୮/୨୫) ରୁଜୁ ହୋଇଛି । ଚଢାଉ ବେଳେ ବଙ୍ଗୋମୁଣ୍ଡା ଅବକାରୀ ଥାନା ଅଧିକାରୀ ସୁମିତ କୁମାର ସାହୁ, ଏଏସଆଇ ହିଙ୍ଗୁଳା ଦାସ, କନଷ୍ଟେବଳ ପ୍ରଫୁଲ୍ଲ ନାଗ, ଶ୍ରୀପତି ନାଏକ, ଚନ୍ଦନ ପଟେଲ ସାମିଲ ଥିଲେ ।

# ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଲାଠୋର,୧୭।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋର ଖେଳପଡିଆରେ ଜୟ ମା' ବସ୍ତରେନ କ୍ରିକେଟ କ୍ଲବ ସଭାପତି ଲାଏବାନ ସୁନାଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗୀୟା ସୋନିଆ ଅଗ୍ରୱାଲଙ୍କ ସ୍ମୃତିରେ ୧୫ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶୀତଳ ଅଗ୍ରୱାଲ, ପୃଥିରାଜ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ବରିଷ୍ଠ କ୍ରିକେଟ ଖେଳାଳି ଦେବରାଜ ମେହେର,ଖବରଦାତା ଭୁବନେଶ୍ୱର ବାରିକ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ପାଟଣାଗଡ ଏବଂ ନୂଆପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୨୦ ଓଭର ଖେଳରେ ପାଟଣାଗଡ ଦଳ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲେ । ଜବାବରେ ନୂଆପଡ଼ା ଦଳ ୧୮.୧ ଓଭରରେ ସମସ୍ତ ଉଇକେଟ ହରେଇ ୧୧୬ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସୀକୃତିପ୍ରାପ୍ତ ଅମ୍ପାୟର ପ୍ରଦୀପ ଦାସ ଏବଂ ବିଭୁ ସାହୁ ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବେ ଅମିତ ଭଇଁସାଲ ଓ କମଳ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ଅଙ୍କୁର ହାତୀ । ଏହି ଅବସରରେ କ୍ଲବର ସମ୍ପାଦକ ରବି ସୋନି, ମୋନୁ ସିଂ ଭଲ୍ଲା, ଭରତ ଥାପା, ସୁନିଲ ଘିବେଲା, ମନୋଜ କରୁଆଁ, ଶରତ ହଂସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।


ପାଟଣାଗଡ ଏବଂ ନୂଆପଡ଼ା ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ ।

# ମା' ଦ୍ୱାରସେନୀ କ୍ରିକେଟ ଟୁର୍ନାମେଣ୍ଟ: ଜୁରାବନ୍ଧ ଚାମ୍ପିୟନ

**ମୁରିବାହାଲ,୧୭।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁରେ ଚାଲିଥିବା ମା' ଦ୍ୱାରସେନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ବରତୁଣ୍ଡା ଓ ଜୁରାବନ୍ଧ ଦଳ ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲେ । ପ୍ରଥମେ ବରତୁଣ୍ଡା ଦଳ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିବା ବେଳେ ଜବାବ ରେ ଜୁରାବନ୍ଧ ଦଳ ବ୍ୟାଟିଂ କରି ୯ ଓଭରରେ ୫ ଉଇକେଟ ହରାଇ ୬୧ ରନ ସଂଗ୍ରହ କରି ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି । ଆଲୋକ ବାଗ ଓ ନବୀନ ପୁଟେଲ ଖେଳ ପରିଚାଳନା କରିଥିବା ବେଳେ ମହିଲାଲ ଠେଲା ଧାରା ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ କଣ୍ଠଶିଳ୍ପୀ ଦୁର୍ଦ୍ଧକ୍ଷ ହଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କପିଲାଭଟା ପଞ୍ଚାୟତ ସରପଞ୍ଚ ତୁଲସେ ଭୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ କେଦାର ଭୋଇ, ବେଲପଡ଼ା ବ୍ଲକ ଏଡିଇଓ ସଂଘର ସଭାପତି ପୃଥିରାଜ ବାଗ,କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ସହ ସମ୍ପାଦକ ହୁଲେଶ୍ୱର ହଂସ, କଣ୍ଠଶିଳ୍ପୀ ରାସବିହାରୀ ଘିବେଲା, ପରମେଶ୍ୱର ମହାନନ୍ଦ, ୱାର୍ଡ ମେମ୍ବର ଗୌରୀଶଙ୍କର ସଗରିଆ,ସିଆରପି ଭାରତୀ ଦାସ, ଅରୁଣା ଦର୍ଜି, ନାରୀନେତ୍ରୀ ଶିଲା ମହାନନ୍ଦ, ଆଶା କର୍ମୀ ମମତା ଭୋଇ,ଯୁବନେତା ତେଜରାଜ ଭୋଇ,ସୁଭାକର ନାଗ, ବିଜେଡି ଯୁବ ସଭାପତି ଧର୍ମେନ୍ଦ୍ର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିଥିମାନେ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ବେଷ୍ଟ ବୋଲର ଭାବେ ରାଜୁ, ମ୍ୟାନ ଅଫ ଦ ମ୍ୟାଚ ଲେଣ୍ଟୁ ,ବେଷ୍ଟ ଫିଲ୍ଡର ଭାବେ ପ୍ରଦୀପ ନାଗଙ୍କୁ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ କମିଟିର ଆଶିଷ ଯାନୀ, ଅଙ୍କିତ ରାଉତ, ଯୋଗିନ ଭୋଇ, ମହେଶ୍ୱର ପୁଟେଲ, ଇନ୍ଦ୍ର ଭୋଇ, ଡୋଲେଶ୍ୱର ଭୋଇ,ମକରଧ୍ୱଜ ନାଗ,ପ୍ରତାପ ନାଗ,ନବୀନ ପୁଟେଲଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ସୁରକ୍ଷିତ ପାନୀୟ ସ୍ରୋତ ଉଦ୍‌ଘାଟିତ

ବଘିଆପଡା,୧୭।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ କନ୍ଧଧୂମାଲ ଗ୍ରାମରେ ସୁରକ୍ଷିତ ପାନୀୟ ସ୍ରୋତ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର ମୁଖ୍ୟ ଅତିଥି, ମୁଣ୍ଡାପଡା ସରପଞ୍ଚ ସୁମନ୍ତ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ପାନୀୟ ସ୍ରୋତକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଉତ୍ସ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତ କରିବାରେ ସହାୟକ ହେବ। ଏହି ପାନୀୟ ସ୍ରୋତକୁ ଗ୍ରାମର ୫୫ଟି ପରିବାର ପାଇବା ସହିତ ଗ୍ରାମର ପ୍ରତ୍ୟେକ ଶିଶୁ ଶୁଦ୍ଧ ପାଣି ପିଇପାରିବେ।

### ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲିଠାରେ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବାଙ୍କା ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହା ସହିତ ଭଟଲିରେ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ଯୋଗାଇ ଦେବେ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ଝାଙ୍କର, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ପ୍ରସନ୍ନ ସାହୁ, ଚନ୍ଦ୍ରମା ଉନସନା, ଦେବଦତ୍ତ ତ୍ରିପାଠୀ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସଭାରେ କଳାକାର ସୀତାରାମ ଦାଶ ଏବଂ କବୟିତ୍ରୀ ସୁଦାମା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ଆଗାମୀ ୨ବର୍ଷ ପାଇଁ ଜଗଦିଶ ସାହୁ ସଭାପତି, ନରେନ୍ଦ୍ର କୁମାର ପଣ୍ଡା ଉପସଭାପତି, ମୋତିଲାଲ ବନଛୋର ସମ୍ପାଦକ, ଦିଲ୍ଲୀପ କୁମାର ପଣ୍ଡା ସହସମ୍ପାଦକ, ସୁରେନ୍ଦ୍ର ମୋହନ ପଣ୍ଡା କୋଷାଧ୍ୟକ୍ଷ, ହିମାଂଶୁ ଶେଖର ପଣ୍ଡା କାର୍ଯ୍ୟାଳୟ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ସେହିପରି ବାଙ୍କାବିହାରୀ ମିଶ୍ର, ଜଗଦିଶ ସାହୁ, ସନ୍ତୋଷ ବନଛୋର, ଶିବପ୍ରସାଦ ନାୟକଙ୍କୁ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ମନୋନୀତ କରାଯାଇଛି। ସାଧୁ ବନଛୋର, ତ୍ରିଲୋଚନ ପୋଢ଼, ଶିବପ୍ରସାଦ ନାୟକ ସଭା ପରିଚାଳନା କରିଥିଲେ।

### ପୁରାତନ ଶିକ୍ଷକ, ଛାତ୍ରଙ୍କ ଆତ୍ମ ମନ୍ଥନ

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ସିମେଣ୍ଟ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଶିକ୍ଷକଙ୍କ ଆତ୍ମ ମନ୍ଥନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟରେ ୨୦୦୯ରେ ପଢୁଥିବା ଛାତ୍ରମାନେ ସମବେତ ହୋଇଥିଲେ। ପୂର୍ବତନ ଛାତ୍ର ଜଗବନ୍ଧୁ ଭୋସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସାହୁ, କପିଳ ବାଗ, ତରଣୀସେନ ବୁଢ଼ିଆ, ପ୍ରାଣଧନ ଦେବତା, ବୃନ୍ଦାବନ ଶତପଥୀ ପ୍ରମୁଖ ଶିକ୍ଷକ ଉପସ୍ଥିତ ରହି ବିଦ୍ୟାଳୟର ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଉଫୁଲା ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି

ଅମରପାଲି,୧୭।୨(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରାଜୀବ ହାଁସଦା, ଅତିରିକ୍ତ ତହସିଲଦାର ଅଜିତ ମିର୍ଦ୍ଧା ଯୋଗଦେଇଥିଲେ। ଶିବିରରେ ଗୋଟିଏ ସାମୂହିକ, ୧୧ ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଓଭରସିଓର ଜୟନ୍ତୀ ଦେହୁରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଓଡ଼ିଶା ଜୀବିକା ମିଶନର ରମାକାନ୍ତ ହରିପାଲ, ଶିକ୍ଷା ବିଭାଗ ସିଆରସିସି ଦିଗାମ୍ବର ଶତପଥୀ ଉପସ୍ଥିତ ଥିଲେ। ସରପଞ୍ଚ ଶ୍ରୀୟା କର୍ମୀ ଉପସ୍ଥିତ ଥିଲେ। ପିଇଓ ଗୌରଚନ୍ଦ୍ର ସାହୁ ଓ ସୀମା ପଣ୍ଡା, ଏମବିକେ ପଦ୍ମାଳୟା ନନ୍ଦ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍ଗଲ ବଞ୍ଚିଲେ ଜୀବଜଗତ ବଞ୍ଚିବ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବନାଗ୍ନି ରୋକିବାକୁ ସଚେତନତା ଶିବିର

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

ଜାନଆରୀ ମାସରୁ ବନାଗ୍ନି ବୃଦ୍ଧି ପାଇଛି। କିଛି ଖଳ ପ୍ରକୃତିର ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ମୂଲ୍ୟବାନ ଜଙ୍ଗଲ ପୋଡି ଛାରଖାର ହୋଇଯାଉଛି। ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଏଥିପାଇଁ ସୁବର୍ଣ୍ଣପୁର ବନଖଣ୍ଡ ଅଧୀନ ସୋନପୁର ବନାଞ୍ଚଳରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନପୁର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ସୋମବାର ସନ୍ଧ୍ୟାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ବଞ୍ଚିଲେ ଜୀବଜଗତ ବଞ୍ଚିବ। ତେଣୁ ଜଙ୍ଗଲର ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଓ ଗୋଷ୍ଠି ସହଯୋଗିତାକୁ ଆହୁରି ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାର ବନାଗ୍ନି ରୋକିବାକୁ ବ୍ୟବସ୍ଥାର ସଦୃଢ଼ିକରଣ କରୁଥିବା ସମ୍ପର୍କରେ ଶର୍ମା ସୂଚନା ଦେଇଥିଲେ।

ସହକାରୀ ବନ ସଂରକ୍ଷକ ଗିରିଧାରୀ ନାଗ ଯୋଗଦାନ କରି ଜାନୁୟାରୀ ମାସରୁ ଏ ପର୍ଯ୍ୟନ୍ତ ଜିଲାର ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁ ଲାଗିଥିଲା। ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ତୁରନ୍ତ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇଛନ୍ତି। ଓଡିଶା ଫରେଷ୍ଟ ମନିଟରିଂ ସିଷ୍ଟମ ସହ କର୍ମଚାରୀଙ୍କ ମୋବାଇଲ ଫୋନ ପଞ୍ଜିକରଣ କରାଯାଇଛି। ସେଗୁଡିକ କ୍ଷେତ୍ରସ୍ତରରେ କାର୍ଯ୍ୟକ୍ଷମ ରହିଛି ବୋଲି କହିଥିଲେ। ସୋନପୁର ବନକ୍ଷେତ୍ରାଧିକାରୀ ସୁବାସ ମହାପାତ୍ର କହିଥିଲେ, ବନାଗ୍ନି ସମ୍ପର୍କରେ ତୁରନ୍ତ ଖବର ମିଳିବା ସହ ନିୟନ୍ତ୍ରଣ କରାଯାଇପାରୁଛି। ଏଥିପାଇଁ ଅଗ୍ନି ପ୍ରତିରୋଧ ସ୍କ୍ୱାଡ ଗଠନ କରାଯାଇଥିବା ସୂଚନା ଦେଇଥିଲେ। ପରିବେଶବିତ୍ ଗୋବିନ୍ଦ ମହାରଣା କାର୍ଯ୍ୟକ୍ରମରେ ଯୋଗଦେଇ ଜନସଚେତନତା ସୃଷ୍ଟି ସହ ସ୍ଥାନୀୟ ଲୋକଙ୍କୁ ସାମିଲ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ବନାଗ୍ନି ନିୟନ୍ତ୍ରଣ ଅଭିଯାନରେ ବନ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ସ୍ଥାନୀୟ ଲୋକ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ସାମାଜିକକର୍ମୀଙ୍କୁ ସାମିଲ କଲେ ସଫଳତା ମିଳିବ ବୋଲି କହିଥିଲେ। କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀ ଓ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକୀୟ ଉପକରଣ ଏବଂ ନିଆଁ ଲିଭା ଯନ୍ତ୍ର ପ୍ରଦାନ ପରେ ବନାଗ୍ନିକୁ ନିୟନ୍ତ୍ରଣ କରାଯାଇ ପାରୁଥିବା ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ସୋନପୁର ବନାଞ୍ଚଳର ବନପାଳ, ବନରକ୍ଷୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା, ଅଗ୍ନି ପ୍ରତିରୋଧ ସ୍କ୍ୱାର୍ଡ ଓ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କର୍ମଚାରୀ ଉପସ୍ଥିତ ଥିଲେ। ବନପାଳ ଗୋପାଳ ପଣ୍ଡା, ବନମାଳୀ ପାଣ୍ଡେ ଓ ବାବାଜୀ ନାଏକ ଶିବିର ଆୟୋଜନରେ ସହଯୋଗ କରିଥିଲେ। ସଞ୍ଜିବ କୁମାର ନାଗ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ଡୁଙ୍ଗୁରିପାଲି, ୧୭।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସଭ ଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୪ ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ୫୧ ଏବଂ ୧୩ଟି ସାମୂହିକ ଥିଲା। ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଯାଇଛି। ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।

ଗଜବନ୍ଧ ଗ୍ରାମପଞ୍ଚାୟତକୁ ରାଜ୍ୟ ସରକାରଙ୍କ ବସ୍ ଯୋଜନାରେ ଗାଁରୁ ବ୍ଲକକୁ ଆସୁଥିବା ମୁଖ୍ୟମନ୍ତ୍ରୀ ବସ୍ ଯାଉ ନ ଥିବାରୁ ଗ୍ରାମବାସୀ ନଳିନୀ ବିଶ୍ୱାଳ, ମଞ୍ଜୁଷା ଭୁଏ, ସାବିତ୍ରୀ ବିଶ୍ୱାଳ, ମାନୁ ଅଦାବର, ଝରଣା ବୁଡ଼େକ,କଳ୍ପନା ପୁଟେଲଙ୍କ ସହ ଶତାଧିକ ମହିଳା ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୌମ୍ୟାରୂପା ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରବୀର ସାମଲ, ଜିଲା ପରିମଳ ଓ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଅଧିକାରୀ ତପନ କୁମାର ପଧାନ, ଜିଲା ସିଏସଓ ବିଭୁ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଥବିର କାଲସେ, ଜିଲା ମୁଖ୍ୟ ଶ୍ରମ ଅଧିକାରୀ ଦୁଲେଶ୍ୱର ଖାଁଖାଁ, ଏସ୍‌ଡିପିଓ ପ୍ରତାପ ମିଶ୍ର, ରାମପୁର ତହସିଲଦାର ବିମଳ ପାତ୍ର, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିପିଓ ଦେବାଶିଷ ମହାନନ୍ଦ, ଯୋଗାଣ ନିରୀକ୍ଷକ ସୁବ୍ରତ ପାଣି, ଯନ୍ତ୍ରୀ ହିମାଦ୍ରୀ ପଧାନ, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ଉପଭୋକ୍ତା ଅଧିକାରକୁ ନେଇ ଗୁରୁତ୍ୱ

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ମାଧବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଭୋକ୍ତା ଅଧିକାର ଏବଂ ତହିଁରେ ଥିବା ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହା ସହିତ ସଚେତନ ଉପଭୋକ୍ତା ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଉତ୍ସାହିତ କରିଥିଲେ। ଉପଭୋକ୍ତା ସଚେତନତା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଜେଠୁ ଭୋଇ ଉପଭୋକ୍ତାଙ୍କ ଅଧିକାର, ନୈତିକ ବ୍ୟବସାୟ ଅଭ୍ୟାସ ଏବଂ ଅଭିଯୋଗ କରିବା ଉପାୟ ବିଷୟରେ ଆଲୋକପାତ କରିଥିଲେ। ଆଡ଼ଭୋକେଟ୍ ଅଶୋକ ପ୍ରଧାନ ଉପଭୋକ୍ତା ସୁରକ୍ଷା ଆଇନ ଏବଂ ଉପଭୋକ୍ତା ସଚେତନତାର ଗୁରୁତ୍ୱ ଉପରେ ମତ ରଖିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସେହିପରି ହର୍ଷ ବେହେରା ଉପସ୍ଥିତ ରହି ଉପଭୋକ୍ତା ଅଧିକାର ନେଇ ସଚେତନତାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ ଉପଭୋକ୍ତା ଅଧିକାର, ଅଭିଯୋଗ ପ୍ରକ୍ରିୟା ଏବଂ ଆଇନଗତ ପଦକ୍ଷେପ ବିଷୟରେ ପ୍ରଶ୍ନ ପଚାରି ସଠିକ୍ ଉତ୍ତର ପାଇଥିଲେ। ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ରାଜେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତୁଷାରକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୈବ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

### ପରିବେଶ ଅନୁକୂଳ ଅଭ୍ୟାସକୁ ଅନୁସରଣ ଶପଥ

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ସ୍କୁଲରେ ଜୈବ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଇକୋ କ୍ଲବ ଶିକ୍ଷକ ଉଚ୍ଛବ ଭୁଏ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ନୀଳକଣ୍ଠ ସା ମୁଖ୍ୟଅତିଥି, ବଡ଼ମାଳ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଅଶୋକ ଉନସନା ମୁଖ୍ୟବକ୍ତା, ପରିବେଶବିତ୍ ସଞ୍ଜୟ ଖମାରୀ, ଭଟଲି ବନାଞ୍ଚଳ ଅଧିକାରୀ ରାଜେନ୍ଦ୍ର ସିଂ, ନରସିଂହ ଚରଣ ସାହୁ, ପବିତ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ ଜୈବ ବିବିଧତାର ସଂରକ୍ଷଣ ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସକୁ ଅନୁସରଣ କରିବା ପାଇଁ ପରିବେଶବିତ୍ ଖମାରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସ୍କୁଲର ଇକୋ କ୍ଲବ ଏବଂ ବିଜ୍ଞାନ କ୍ଲବର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଚାଲି ଚାଲି ଝାରବନ୍ଧ ସମସ୍ୟା ବୁଝିଲେ ବିଡିଓ

ଝାରବନ୍ଧ,୧୭।୨(ଦେବେନ୍ଦ୍ର ସାହୁ)

ଝାରବନ୍ଧରେ ନୂତନ ବିଡିଓ ଭାବେ ଯୋଗଦାନ କରିଥିବା ପର୍ଶୁରାମ ପଣ୍ଡା ସୋମବାର ଚାଲି ଚାଲି ସ୍ଥାନୀୟ ଅଞ୍ଚଳରେ ରହିଥିବା ସମସ୍ୟା ନେଇ ଲୋକମାନଙ୍କୁ ପଚାରି ବୁଝୁଥିବା ଦେଖିବାକୁ ମିଳିଛି। ଝାରବନ୍ଧର ଚାନ୍ଦନି ଛକର ଡେଲି ମାର୍କେଟକୁ ଅନ୍ୟତ୍ର ସ୍ଥାନାନ୍ତରଣ କରି କିପରି ସୌନ୍ଦର୍ଯ୍ୟ କରାଯାଇପାରିବ, ସେ ବିଷୟରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଝାରବନ୍ଧର ପରିଚୟ ସୃଷ୍ଟି କରୁଥିବା ବନଦୁର୍ଗା ମନ୍ଦିରକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ କରାଇବା, ପରିତ୍ୟକ୍ତ ଭାବେ ପଡ଼ି ରହିଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରର ସ୍ଥାୟୀ ସମାଧାନ କରିବା, ସହଜ ଜନସେବା କେନ୍ଦ୍ରରେ ଲୋକଙ୍କ ସମସ୍ୟା ବୁଝି ଶୀଘ୍ର ଏହାର ସମାଧାନ କରି ଆଗାମୀ ଦିନରେ ଝାରବନ୍ଧର ଉନ୍ନତି କରାଯିବ ବୋଲି ପ୍ରକାଶ କରିଥିଲେ। ବିଡିଓ ପଣ୍ଡାଙ୍କ ଜନହିତକାରୀ କାର୍ଯ୍ୟକଳାପକୁ ଲୋକେ ପ୍ରଶଂସା କରିଛନ୍ତି।



କକକକ

# ରାଧାମୋହନ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୧୭।୨(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଡୁଲେଶର ରାଧାମୋହନ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବନମାଳୀ ଶାସିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅମରେନ୍ଦ୍ର ଦେହୁରୀ, ଉଜ୍ଜ୍ୱଳମଣି ପାତ୍ର, ବାସୁଦେବ ପଧାନ ଅତିଥିଭାବେ ମଞ୍ଚାସୀନ ଥିଲେ। ଦଶମ ଶ୍ରେଣୀର ବିମଳା ଦନାୟକ, ତନିଶା ବିଶି ସ୍କୁଲ ସମୟର ନିଜ ଅନୁଭୂତର ସ୍ମୃତିଚାରଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

ପରୀକ୍ଷାର୍ଥୀଙ୍କୁ ଆଗାମୀ ପରୀକ୍ଷା କିଭଳି ସହଜ ହେବ ସେନେଇ ଶିକ୍ଷକମାନେ ଟିପ୍ସ ପ୍ରଦାନ କରିଥିଲେ। ଶିକ୍ଷକ ପରମେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର, ୬୨ ଅଭିଯୋଗ ପଞ୍ଜୀକୃତ

କନ୍ଧମାଳ,୧୭।୨(ଆଦିତେଶ୍ୱର ମିଶ୍ର)

କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଥାନାଧିକାରୀ ଭାବାନନ୍ଦ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବିଇଓ ସନୋଜ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଶିବିରରେ ୬୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୫୮ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହାଜର ଓ ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ୪୦ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଏହି ଉପଲକ୍ଷେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୩୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ବୁଥସ୍ତରରୁ ସଙ୍ଗଠନକୁ ସୁଦୃଢ କରାଯିବ

## ବେଣୁଧରଙ୍କୁ ଭାଜପା ଜିଲା ସଭାପତି ଶିରିପା

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

ବରିଷ୍ଠ ଭାଜପା ନେତା ବେଣୁଧର ଦାଶଙ୍କୁ ଭାଜପା ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଭାବେ ନିଯୁକ୍ତି ଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁରରେ ଭାଜପା କର୍ମକର୍ତ୍ତା ଓ ସମର୍ଥକଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଦାଶ ଦୀର୍ଘ ତିନି ଦଶନ୍ଧି ଧରି ଭାଜପା ଓ ସଂଘ ପରିବାର ସହିତ ଜଡିତ ଅଛନ୍ତି। ପାର୍ଟିର ପଞ୍ଚାୟତ ସଭାପତିଠାରୁ ଆରମ୍ଭ କରି ମଣ୍ଡଳ ସଭାପତି, କୃଷକ ମୋର୍ଚ୍ଚା ସଭାପତି, ଜିଲା ସମ୍ପାଦକ, ଜିଲା ସାଧାରଣ ସମ୍ପାଦକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇଛନ୍ତି। ବୀରମହାରାଜପୁର ବ୍ଲକରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢିବା ସହ ପରିଚାଳନା ପରିଷଦରେ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିଛନ୍ତି। ଏ ସମ୍ପର୍କରେ ବେଣୁଧର କହିଛନ୍ତି, ରାଜ୍ୟ ନେତୃତ୍ୱ ତାଙ୍କ ଉପରେ



ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ବେଣୁଧର ଦାଶ।

ଯେଉଁ ଆସ୍ଥା ପ୍ରକଟ କରି ଦାୟିତ୍ୱ ନ୍ୟସ୍ତ କରିଛନ୍ତି ତାକୁ ସେ ନିର୍ବାହ କରିବେ। ସମସ୍ତଙ୍କୁ ନେଇ ଆଗକୁ ବଢିବେ। ଜିଲାରେ ଦଳକୁ ବୁଥ୍ ସ୍ତରରୁ ସୁଦୃଢ଼ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ, ମହିଳା ଓ କୃଷକ କଲ୍ୟାଣକାରୀ ଯୋଜନା ଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ଏହି ଦାୟିତ୍ୱ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଓ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# କଟକ ମଙ୍ଗଳା କ୍ଲବ ବିଜୟୀ

## ରାମଧୁନ କପ୍ ସର୍ବଭାରତୀୟ ଫୁଟ୍‌ବଲ

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ୧୬ତମ ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ମଝିପଡା ରାମଧୂନ କ୍ଲବ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଉଦ୍‌ଘାଟନୀ ମ୍ୟାଚ୍ କଟକ ମା' ମଙ୍ଗଳା କ୍ଲବ ଓ ବରଗଡ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ଶେଷ ୧୦ମିନିଟ୍ ପର୍ଯ୍ୟନ୍ତ କଟକ ଦଳ ୨-୦ ଗୋଲରେ ଆଗୁଆ ଥିଲା। ତେବେ ବରଗଡ ଦଳ ଶେଷ ପର୍ଯ୍ୟାୟରେ ୨ଟି ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲା। ଟାଇବ୍ରେକରରେ ମଧ୍ୟ ଉଭୟ ଦଳ ସମାନ ସଂଖ୍ୟକ ଗୋଲ ସ୍କୋର କରିଥିଲେ। ଶେଷରେ ସଡନ ଡେଥ ୬-୫ ଗୋଲରେ କଟକ ମା' ମଙ୍ଗଳା ଦଳ ବିଜୟୀ ହୋଇଥିଲା। କଟକର



ଜିଲାପାଳ ଅନ୍ୟା ଦାସ ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି।

ଦୀନବନ୍ଧୁ ଦାସଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ, ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଭାଜପା ନଗର ସଭାପତି ସୁରେଶ ବିଶ୍ୱାଳ, କାଉନସିଲର ସୁକାନ୍ତ ସାହୁ ଓ କ୍ରୀଡାବିତ୍ ଚିତ୍ତରଞ୍ଜନ ତରାସିଆ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ରାମଧୂନ କ୍ଲବ ସମ୍ପାଦକ ପୀୟୁଷ କୁମାର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। କ୍ଲବ ସଭାପତି ରାଜୀବ ସାହୁ ମଞ୍ଚାସୀନ ଥିଲେ। ବିକାଶ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



ଦ୍ୱିଦିବସୀୟ ଶାସ୍ତ୍ରୀୟ ନୃତ୍ୟକଳା କାର୍ଯ୍ୟକ୍ରମ 'ନୃତ୍ୟପଦ୍ମ'ର ଉଦ୍‌ଯାପନୀ ଦିବସରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ନୃତ୍ୟପଦ୍ମ ଉଦ୍‌ଯାପିତ

ରାଉରକେଲା,୧୭।୨(ସଙ୍ଗୀତା ଜେନା)

ରାଉରକେଲାର କଳା ଅନୁଷ୍ଠାନ ନୃତ୍ୟ ମଧୁରମ୍ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସୁବ୍ରତ ଭୂୟାଁ ଓ ବାଙ୍ଗାଲୋର ନୃତ୍ୟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଚନ୍ଦ୍ରିକା ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ ଶାସ୍ତ୍ରୀୟ ନୃତ୍ୟକଳା କାର୍ଯ୍ୟକ୍ରମ 'ନୃତ୍ୟପଦ୍ମ' ରବିବାର ରାତି ସାଢ଼େ ୧୦ଟାରେ ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ ଐତିହ୍ୟ ଏବଂ କଳାତ୍ମକ ଅଭିବ୍ୟକ୍ତି ପ୍ରଦର୍ଶନରେ ସାରା ଦେଶର ପ୍ରତିଷ୍ଠିତ କଳାକାର ଓ ନୃତ୍ୟଶିଳ୍ପୀ ଏଥିରେ ଏକତ୍ରିତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଥିଏଟର ସମୀକ୍ଷକ ସମର ମୁଦୁଲି, ଜଗବନ୍ଧୁ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୋଲକତାର ଭାରତନାଟ୍ୟମ୍‌ର ଦେବବଲ୍ଲଭ ଜେନା, ଅତନୁ ଦାସ, ଗୌଡୀୟ ନୃତ୍ୟକଳାକାର କୌଶିକ ସାଓ, ଭୁବନେଶ୍ୱର ଓଡ଼ିଶୀ କଳାକାର ଜାହ୍ନବୀ ବେହେରା, ରାହୁଲ ଆଚାର୍ଯ୍ୟ, ଗୌରୀଶଙ୍କର ଦାସ ତଥା କଳାଭୂମି ଓ ଦେବନୃତ୍ୟମ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଶନିବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପପତି ସୁନୀଲ କୟାଲ, ଫିଟନେସ୍ ନିର୍ଦ୍ଦେଶକ ଡି. ଅପ୍ପାରାଓ, ଅମିତ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟଶିଳ୍ପୀ ମୀନାକ୍ଷୀ ବେହେରା, ପୁରୀର ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର, ନୂଆଦିଲ୍ଲୀର କଥକ ନୃତ୍ୟଶିଳ୍ପୀ ରୋହିତ ଝା, କୋଲକତା ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ସୋମା ମଣ୍ଡଳ, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟଶିଳ୍ପୀ ଅନା ମହାନ୍ତି, ପୁରୀର ଅଭିନୟ କଳାକାର ଯଶୋବନ୍ତ ଜେନାଙ୍କ ସମେତ ପାୟଲ ଡ୍ୟାନ୍ସ ଏକାଡେମୀ, କବିଚନ୍ଦ୍ର କଳାକେନ୍ଦ୍ରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତୀକ୍ଷା ଦାସ, ଅମିତ ମିଶ୍ର, ଲୁସି ଦାସ, ଅମ୍ରିତ ନିଲମ୍, କଲ୍ୟାଣୀ ଦାସ, ଅବିନାଶ ରାଉତ, ସନକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜିମ୍ ପ୍ରଶିକ୍ଷକଙ୍କ ସମେତ ୩ ଗିରଫ

**ବନ୍ଧମୁଣ୍ଡାରେ ଗୁଳିମାଡ଼ ମାମଲା**

ରାଉରକେଲା,୧୭।୨(ସଙ୍ଗୀତା ଜେନା)

ଗତ ୧୪ ତାରିଖ ସନ୍ଧ୍ୟାରେ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡୁମେର୍ତ୍ତା ପ୍ରଗତି ମଇଦାନରେ ହୋଇଥିବା ଗୁଳିମାଡ଼ ମାମଲା ସୋମବାର ଭିନ୍ନ ମୋଡ଼ ନେଇଛି। ଉକ୍ତ ଘଟଣାରେ ଜିମ୍ ପ୍ରଶିକ୍ଷକଙ୍କୁ ଗୁଳିମାଡ଼ ହୋଇଥିବା ପ୍ରଥମେ ଅଭିଯୋଗ ହୋଇଥିଲା। ଏଥିରେ ୬ ଜଣ ଗିରଫ ହୋଇଥିବା ବେଳେ ସୋମବାର ଅନ୍ୟପକ୍ଷର ଅଭିଯୋଗକୁ ଆଧାର କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିମ୍ ପ୍ରଶିକ୍ଷକ ଶ୍ୟାମଲ ସରକାର(୨୬), ସେକ୍ଟର 'ଏ'ର ସୁରଜ ଯାଦବ(୨୩) ଓ ବଗଦା ବସ୍ତିର ତାର୍ଜନ କୁମାର(୨୬)। ସମସ୍ତ ଅଭିଯୁକ୍ତଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ଗିରଫ ହୋଇଥିବା ନିଖିଲ ସ୍ୱର୍ଣ୍ଣକାରଙ୍କ ପିତା ସନ୍ତୋଷ ସ୍ୱର୍ଣ୍ଣକାରଙ୍କ ଅଭିଯୋଗ ଆଧାର କରି ପୋଲିସ ଏକ ମାମଲା (ନଂ.୩୦/୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗ ଅନୁଯାୟୀ, ନିଖିଲ ଓ ତାଙ୍କ ସାଙ୍ଗମାନେ ପ୍ରଗତି ପଡ଼ିଆକୁ ଯାଇଥିବା ବେଳେ ସେଠାରେ ଅଭିଯୁକ୍ତ ଶ୍ୟାମଲ, ସୁରଜ ଓ ତାର୍ଜନଙ୍କ ସହ କୌଣସି କଥାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଶ୍ୟାମଲ ଏହି ୩ ଜଣଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଅପରପକ୍ଷେ ଶ୍ୟାମଲ ତାଙ୍କ ଉପରେ ଗୁଳିମାଡ଼ ଓ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୯/୨୫) ରୁଜୁକରିଥିଲା।

# ରାଉରକେଲା ୱାନ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ

ରାଉରକେଲା,୧୭।୨(ସଙ୍ଗୀତା ଜେନା)

ରାଉରକେଲା ସହରବାସୀଙ୍କୁ ଗୋଟିଏ ଛାତ ତଳେ ଜନ୍ମମୃତ୍ୟୁ ପଞ୍ଜୀକରଣ, ଭବନ ଯୋଜନା ଅନୁମୋଦନ, ବିଲ୍ ପୈଠ, ସମ୍ପତି କର, ପାଣି ଓ ବିଜୁଳି ବିଲ୍ ପଇଠ, ସମସ୍ତ ସରକାରୀ ସେବାର ଲାଭ ପ୍ରଦାନ, ସ୍ମାର୍ଟସିଟି କମାଣ୍ଡ ଓ କଣ୍ଟ୍ରୋଲ ରୁମ୍ ଆଦି ସୁବିଧା ଯୋଗାଇ ଦେବା ପାଇଁ ରାଉରକେଲା ୱାନ୍ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ସ୍ମାର୍ଟସିଟିରେ ସମସ୍ତ ବୈଷୟିକ ସୁବିଧା ଏକାଠି ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରାୟ ୨୦୨୦ ଅକ୍ଟୋବରରେ ୭ ଏକର ଜମିରେ ଏକ ବହୁତଳ ବିଶିଷ୍ଟ କୋଠା ନିର୍ମାଣ ଆରମ୍ଭ ହେଲା। ହେଲେ ଆଜିକୁ ୫ ବର୍ଷ ପୂରିଯାଇଥିଲେ ମଧ୍ୟ ଏହି ଅର୍ଦ୍ଧନିର୍ମିତ ପ୍ରକଳ୍ପ ପ୍ରଶାସନିକ ଅପାରଗତାର ମୂକସାକ୍ଷୀ ହୋଇ ଛିଡା ହୋଇଛି।

ରାଉରକେଲା ୱାନ୍ ପ୍ରକଳ୍ପ ନିର୍ମାଣ ସମୟରୁ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଲକ୍ଷ୍ୟ ରଖାଯାଇଥିଲା। ରାଉରକେଲା ଚାମ୍ବର ଅଫ୍ କମର୍ସ ନିକଟ ତଥା ସହରର ପ୍ରବେଶ ସ୍ଥଳରେ ନିର୍ମାଣାଧୀନ



ପାନପୋଷ ହକି ରୋଡ୍‌ସ୍ଥିତ ଅର୍ଦ୍ଧନିର୍ମିତ ପ୍ରକଳ୍ପ।

**ସୁବିଧାରୁ ବଞ୍ଚିତ ସହରବାସୀ**

ଏହି ପ୍ରକଳ୍ପ ପାଇଁ ୧୨୧.୮୪ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ଏଥିରେ କମାଣ୍ଡ କଣ୍ଟ୍ରୋଲ ରୁମ୍, ଅଡିଟୋରିୟମ୍, କନଭେନସନ୍ ସେଣ୍ଟର, ଜନଜାତୀୟ ସଂଗ୍ରହାଳୟ, ପାରମ୍ପରିକ ଆଦିବାସୀଙ୍କ ସମସ୍ତ ବସ୍ତୁ, ହକି ହଲ୍, ହକି ଖେଳାଳିମାନଙ୍କ ସୂଚୀ, କିମ୍ବଦନ୍ତୀ ହକି ଖେଳାଳିମାନଙ୍କ ଫଟୋ ଓ ଉପଲବ୍ଧ ସାମଗ୍ରୀର ମ୍ୟୁଜିୟମ୍ ଆଦିର ଡିଜାଇନ ସହ ୩ ତାଲା କୋଠା ନିର୍ମାଣ ପ୍ରସ୍ତାବ ରହିଥିଲା। ଏହାର ବେସମେଣ୍ଟରେ ଭବ୍ୟ ପାର୍କିଂ, ଡିସ୍‌ଚାର୍ଜ ସାଇଟ୍, ସୌର ଉର୍ଜା ଉପଯୋଗ, ବର୍ଷାଜଳ ସଞ୍ଚୟ ବ୍ୟବସ୍ଥା ଆଦିର ଡିଜାଇନ କରାଯାଇଥିଲା। ଯାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅପେକ୍ଷାରେ ରହିଛି।

ଏ ସମ୍ପର୍କରେ ପୂର୍ବତନ ରାଉରକେଲା କଂଗ୍ରେସ ସଭାପତି ରଶ୍ମିରଞ୍ଜନ ପାଢ଼ୀ ଅଭିଯୋଗ କରି କହିଛନ୍ତି, ହାଇଟେକ୍ ପ୍ରକଳ୍ପ ନିଶ୍ଚିତ ଭାବେ ସହରବାସୀଙ୍କ ସୁବିଧା ପାଇଁ ପରିକଳ୍ପିତ ହୋଇଥିଲା। ୧୨୧.୮୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ୨୪ ମାସରେ ସରିବାକୁ ଥିବା ଏହି ପ୍ରକଳ୍ପକୁ ବାହାର ଠିକାସଂସ୍ଥା ନିର୍ମାଣ କରୁଥିଲା। ୨୦୨୫ରେ ଏହାର ନିର୍ମାଣ ବନ୍ଦ ରହିଛି। ସମ୍ପ୍ରତି ପ୍ରକଳ୍ପସ୍ଥଳ ଅନାବନା ଗଛବୃକ୍ଷରାଜିରେ ଭରି ରହିଛି। ୨୦୨୨ରେ ଏଠାରେ ଏକ ଛାତି ଭୁଶୁଡ଼ି ପଡ଼ିଥିଲା। ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ କଡ଼ା ବିରୋଧ କରାଯାଇଥିଲା। ଛାତ ଭୁଶୁଡ଼ିବା ମାମଲାରେ ରାଉରକେଲା ସ୍ମାର୍ଟସିଟି କର୍ତ୍ତୃପକ୍ଷ, ଠିକାସଂସ୍ଥା, ଉକ୍ତ ପ୍ରକଳ୍ପର ବୈଷୟିକ ବ୍ୟବସ୍ଥା ବୁଝୁଥିବା ସଂସ୍ଥା ଯାଞ୍ଚ ରିପୋର୍ଟ ଦେଲେ କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଉକ୍ତ ମାମଲାକୁ ୩ ବର୍ଷ ପୂରିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିଲା ନାହିଁ ବୋଲି ପାଢ଼ୀ କହିଥିଲେ। ଏ ସମ୍ପର୍କରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ଅପରେଶନ ଜିଏମ୍ ଅନୀତା ନାଏକଙ୍କୁ ପଚରାଯିବାରୁ ସେ କାର୍ଯ୍ୟବ୍ୟସ୍ତତା ଦର୍ଶାଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାକୁ ପରାମର୍ଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଉତ୍ତମ ମହାନ୍ତିଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହାର ନିର୍ମାଣ ଅବଧି ଧାର୍ଯ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।

# ସୀମାନ୍ତରୁ ୨ ଆଇଇଡ଼ି ଜବତ

ରାଉରକେଲା,୧୭।୨(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଉପଦ୍ରବ ଜାରି ରହିଛି। କୋମ୍ବିଂ ଅପରେଶନ ବେଳେ ସୋମବାର ସକାଳ ୬ଟାରେ ସୀମାନ୍ତ ଗୁବା ଥାନା ଅନ୍ତର୍ଗତ ରୋବାମ ରୋଡ୍ ନିକଟ ଗଙ୍ଗଦା ଜଙ୍ଗଲରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ୨୦ କେଜି ଏବଂ ୫ କେଜିର ୨ଟି ଜୀବନ୍ତ ଆଇଇଡ଼ି ଖଞ୍ଜା ଯାଇଥିଲା। ଏହାକୁ ଠାବ କରି ନଷ୍ଟ କରାଯାଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

# କ୍ରିକେଟ: ବନ୍ଧମୁଣ୍ଡା ବ୍ଲୁ, ଷ୍ଟାର ବ୍ରଦର୍ସ ବିଜୟୀ



ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିଗଣ।

ରାଉରକେଲା,୧୭।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର୍ସ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ସୌମ୍ୟଜିତ୍ ମେମୋରିଆଲ ଟି-୧୨ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ବନ୍ଧମୁଣ୍ଡା ବ୍ଲୁ ଦଳ ଓ ଏରୋଡ୍ରମ୍ ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବନ୍ଧମୁଣ୍ଡା ବ୍ଲୁ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଏରୋଡ୍ରମ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୩ ରନ ସଂଗ୍ରହ କରିଥିଲା। ଏହି ରନ୍ ଲକ୍ଷ୍ୟ ନେଇ ବନ୍ଧମୁଣ୍ଡା ବ୍ଲୁ ଦଳ ଗୋଟିଏ ଉଇକେଟ୍ ବିନିମୟରେ ୭୮ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରକାଶ ଆଦାମ ମାତ୍ର ୩୦ ବଲ ଖେଳି ସର୍ବାଧିକ ୫୩ ରନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଷ୍ଟାର ବ୍ରଦର୍ସ ଦଳ ଓ ପଟେଲ ପାନ୍ଥର ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଟେଲ ପାନ୍ଥର ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଷ୍ଟାର ବ୍ରଦର୍ସ ଦଳ ୯ ଉଇକେଟ ହରାଇ ୧୧୮ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ଜେନା ମାତ୍ର ୧୬ ବଲ ଖେଳି ସର୍ବାଧିକ ୩୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ରାଜେଶ ବେହେରା ଓ ମନୋଜ କୁମାର ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ସମାଜସେବୀ ସୁମଙ୍ଗଲ ଚକ୍ରବର୍ତ୍ତୀ ଓ ଅଜୟ ରାଉତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# କ୍ଷୁଦ୍ର ନାଟକ 'ଶାରିଆ'ର ପାଣ୍ଡୁଲିପି ପୂଜନ

ରାଉରକେଲା,୧୭।୨(ଦିନେଶ ମିଶ୍ର)

ଆସନ୍ତା ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ସୁବର୍ଣ୍ଣରେଖା ଓ ନନ୍ଦିନୀ ମହିଳା ସଂଘତି ପକ୍ଷରୁ ବାସନ୍ତୀ କଲୋନିସ୍ଥିତ ସୁବର୍ଣ୍ଣରେଖା କାର୍ଯ୍ୟାଳୟ ପରିସରରେ ସୋମବାର ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସଭାପତି ମନୋରଞ୍ଜନ ଦାସ ଓ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ଉପସ୍ଥିତିରେ ମହେନ୍ଦ୍ର କୁମାର ମହାଳିକଙ୍କ



ବୈଠକରେ ନାଟକର ପାଣ୍ଡୁଲିପିକୁ ପୂଜା କରାଯାଉଛି।

ରଚିତ କ୍ଷୁଦ୍ର ନାଟକ 'ଶାରିଆ'ର ପାଣ୍ଡୁଲିପି ପୂଜନ ହୋଇଥିଲା। ଯୌତୁକ ଦାବିରେ ଭାଙ୍ଗି ଯାଇଥିବା ବାହାଘର ପରେ ଜଣେ ଗରିବ ଝିଅ କିପରି ନିଜ ଗୋଡରେ ଛିଡା ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉଛି, ତାହା ଏହି ନାଟକର ବିଷୟ ବସ୍ତୁ ବୋଲି ନାଟ୍ୟକାର ସୂଚନା ଦେଇଥିଲେ। ଏହି ନାଟକଟି ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅନୁଷ୍ଠାନର ମହିଳା କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହେବ। ବୈଠକରେ ମହିଳା ସମ୍ପାଦିକା କନକଲତା ଜେନା, ସାଂସ୍କୃତିକ ସମ୍ପାଦକ ରାଜୀବ ପାତ୍ର, ଛବିରାଣୀ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ପାତ୍ର, ସଙ୍ଗୀତା ବେକ୍, ଭକ୍ତିମୟୀ ମହାଳିକ, ବିଜୟ ପ୍ରଧାନ, କମଳଲୋଚନ ଗୋରୁ, ଗଗନ ପ୍ରଧାନ, ବ୍ରଜକିଶୋର ପରିଡା ଉପସ୍ଥିତ ଥିଲେ।

# ବିଜୁ ଜୟନ୍ତୀ, ସାଂସ୍କୃତିକ ମହୋତ୍ସବ ପ୍ରସ୍ତୁତି

ରାଉରକେଲା,୧୭।୨(ସଙ୍ଗୀତା ଜେନା)

ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନ ୪ଟାରେ ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର, କଳାକାରମାନଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା, ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ନିଆଗଲା। ମ୍ୟୁଜିକ୍ ଚେୟାର ସହିତ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ମୁରଲିଧର ଦାସ, ମାଷ୍ଟର ଆଛୁ ପ୍ରଧାନ, ଅଲେଖ ସାହାଣୀ, ଅନ୍ତର୍ଯ୍ୟାମୀ ବେଉରା, ରବର୍ଟ ହାଇଫିଲ, ଝାନ ମୁର୍ମୁ, ଭ୍ରମରବର ମହାଖୁଡ, ଆଇନଜୀବୀ ଆରତୀ ଚୌଧୁରୀ, ପରମାନନ୍ଦ ବେହେରା, କୈଳାସ ଚନ୍ଦ୍ର ମଲ୍ଲିକ, ହରିହର ବେହେରା, ସୁନିତା ପରିଡା, ବିଶ୍ୱନାଥ ପଟ୍ଟନାୟକ, ଉମା ନାୟକ, ବାଦଲ ପଣ୍ଡା, ଭଗବାନ ସାହୁ, ରାମଚନ୍ଦ୍ର ସାମଲ, ଜୟନ୍ତ କୁମାର ଦାସ, ସୁରଥ ପରିଡା, କାଳନ୍ଦୀ ଚରଣ ମଲ୍ଲିକ ଓ ସନାତନ ବାରିକ ପ୍ରମୁଖ ନିଜ ମତାମତ ପ୍ରଦାନ କରିଥିଲେ। ବୈଠକରେ ସମାଜସେବୀ, ଶିକ୍ଷାବିତ୍, ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା କଳାକାର ଯୋଗ ଦେଇଥିଲେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମାଜସେବୀ, ଶିକ୍ଷାବିତ୍ ଓ ଅନ୍ୟମାନେ।

# ଏଭଳି ଚାଲିଛି ଟ୍ରାଫିକ୍ ନିୟନ୍ତ୍ରଣ

**ଡ୍ୟୁଟି ନା ଦାୟିତ୍ୱ ସମ୍ପାଦନ**

ରାଉରକେଲା,୧୭।୨(ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ଛକରେ ଟ୍ରାଫିକ ନିୟନ୍ତ୍ରଣ ଲାଗି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଟ୍ରାଫିକ୍ ପୋଲିସ ଓ ଦୁଇ ଜଣ ପୋଲିସ୍ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ସହରରେ ଏକାଧିକ ଛକ ରହିଛି ଯେଉଁଠି ଟ୍ରାଫିକ ପୋଲିସ ନିୟୋଜିତ ରହୁଥିଲେ ମଧ୍ୟ ସେମାନେ ଠିକ୍ ଭାବେ ନିଜ ଡ୍ୟୁଟି କରୁ ନ ଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ଛକରେ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖାଯାଉ ନ ଥିବାରୁ କିଏ ବିନା ହେଲମେଟ୍ ତ ଆଉ କିଏ ୩ଜଣଙ୍କ ବସାଇ ଦ୍ରୁତଗତିରେ ଗାଡ଼ିଚାଳନା କରୁଛନ୍ତି। ଏସବୁ ଦେଖୁଥିଲେ ମଧ୍ୟ ବିଭିନ୍ନ ଛକରେ କାର୍ଯ୍ୟରତ ଟ୍ରାଫିକ୍ ପୋଲିସ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହାନ୍ତି। କିଏ ଫୋନରେ ବ୍ୟସ୍ତ ତ ଆଉ କିଏ ଗଛ ତଳେ ଛିଡାହୋଇ ସମୟ କାଟୁଛନ୍ତି। ଏଭଳି ଦୃଶ୍ୟ ବାସନ୍ତୀ କଲୋନିସ୍ଥିତ ଡିଏଭି ଡଙ୍ଗା ଛକରେ ଦେଖିବାକୁ ମିଳିଛି।

ଡିଏଭି ଡଙ୍ଗା ଛକ ସହରର ପ୍ରମୁଖ ଛକ ହୋଇଥିବାବେଳେ ଏହି ଛକ ରାସ୍ତା



ଡଙ୍ଗା ଛକରେ ଜଣେ ପୋଲିସ କର୍ମଚାରୀ ସ୍କୁଟିରେ ବସି ମୋବାଇଲ ଦେଖୁଛନ୍ତି।



ପ୍ଲାଣ୍ଟସାଇଟ୍ ଛକରେ ଟ୍ରାଫିକ୍ ଜାମ୍ ହୋଇଛି।

ଛେଣ୍ଡ, ବାସନ୍ତୀ କଲୋନି, ଜେଲ୍ ରୋଡ୍, ଡିଏଭି ସ୍କୁଲ, ୟୁଜିଆଇ ଭଳି ବଡ ବଡ ଶିକ୍ଷାନୁଷ୍ଠାନମାନଙ୍କୁ ସଂଯୋଗ କରିଛି। ଏହି ଛକରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସିସି କ୍ୟାମେରା ସାଙ୍ଗକୁ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ବର୍ଷ ବର୍ଷ ଧରି କାମ କରୁନାହିଁ। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିଦିନ ଏଠାରେ ୨ ଜଣ କର୍ମଚାରୀଙ୍କ ସମେତ ଜଣେ ଟ୍ରାଫିକ୍ ପୋଲିସକୁ ନିୟୋଜିତ କରାଯାଉଛି। ହେଲେ ଏହି ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସ କର୍ମଚାରୀ ଅଧିକାଂଶ ସମୟ ଫୁଟ୍‌ପାଥ୍ ନଚେତ ନିଜ ଗାଡି ଉପରେ ବସି କେବଳ ଦାୟିତ୍ୱ ସମ୍ପାଦନ କରୁଥିବା ଦେଖିବାକୁ ମିଳିଛି। ସେହିଭଳି ଉଦିତନଗର ଆମ୍ବେଡ଼କର ଛକରେ ମଧ ସମାନ ପରିସ୍ଥିତି। ଏହି ଛକରେ ବାସନ୍ତୀ ଫ୍ଲାଏଓଭର ରାସ୍ତା ବୁଲାଣି ସମୟରେ ଯିଏ ଯେମିତି ପାରୁଛନ୍ତି ଗାଡି ଚାଳନା କରୁଥିଲେ ମଧ୍ୟ ସେଠାରେ ଟ୍ରାଫିକ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ସ୍ଥାନରେ ଦୁଇଟି ବ୍ୟାରିକେଡ୍ ଲଗାଇ ରାସ୍ତାକୁ ସଙ୍କୁଚିତ କରିଦିଆଯାଇଛି। ସହରରେ କେବଳ ଯେ ଡଙ୍ଗା ଛକରେ ଏଭଳି ଟ୍ରାଫିକ୍ ନିୟମନ୍ତ୍ରଣ ଚାଲିଛି ତାହା ନୁହଁ ବରଂ ଆରଏମ୍‌ସି ଛକ, ଡେଲିମାର୍କେଟ ଅଞ୍ଚଳ, ପ୍ଲାଣ୍ଟସାଇଟ୍, ଟ୍ରାଫିକ୍ ଗେଟ୍ ଛକ ଆଦି ସ୍ଥାନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଡେଲିମାର୍କେଟ ରାସ୍ତା ଉପରେ ବେଆଇନ ଠେଲା ବେପାର ଚାଲିଥିବା ଓ ନୋ ପାର୍କିଂ ସମୟରେ ଭାରିଯାନ ପଶୁଥିବାବେଳେ ଟ୍ରାଫିକ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଫଳରେ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ପୂର୍ବରୁ ସହରରେ ପାଟ୍ରୋଲିଂ ଗାଡ଼ି ବିଭିନ୍ନ ଛକରେ ଘୂରି ବୁଲିବା ସହ କର୍ମଚାରୀମାନେ କିଭଳି କାର୍ଯ୍ୟ କରୁଛନ୍ତି ତାହା ତଦାରଖ କରୁଥିଲା। ବର୍ତ୍ତମାନ ତାହା ଦେଖିବାକୁ ମିଳୁନାହିଁ । ଏହାର ଫାଇଦା ନେଇ ଯିଏ ଯେମିତି ପାରିଲା ମନଇଛା ଡ୍ୟୁଟି କରୁଛନ୍ତି। ଏଥିପ୍ରତି ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଡିଏସ୍‌ପି ପୁରୁଷୋତ୍ତମ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ବର୍ତ୍ତମାନ ଟ୍ରାଫିକ୍ ଇନ୍ସପେକ୍ଟର ପଦବୀ ଖାଲି ପଡିଛି। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ୩ ଜଣ ଏଏସ୍‌ଆଇ ଅଛନ୍ତି। ତାଙ୍କ ସହ ୧୦ ଜଣ ହାବିଲଦାର ଓ ୬୫ ଜଣ କନଷ୍ଟେବଲଙ୍କୁ ଟ୍ରାଫିକ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ଯେଉଁ ଛକରେ ବିଶେଷ ଅବ୍ୟବସ୍ଥା ରହିଛି ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରି ସମସ୍ୟାର ସମାଧାନ କରାଯିବ ବୋଲି ଡିଏସ୍‌ପି ଭୋଇ କହିଥିଲେ।

## ସଂକ୍ଷେପରେ

### ୧୬ କେଜି ଗଞ୍ଜେଇ ଜବତ, ୩ ଗିରଫ

ରେଢାଖୋଲ, ୧୭।୨ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଅବକାରୀ ବିଭାଗ ସୋମବାର ସକାଳ ୮ଟାରେ ବିଶିପାଲି ଛକରୁ ଏକ କାର ଯୋଗେ ଚାଲାଣ ବେଳେ ୧୬କେଜି ୫ଶହ ଗଞ୍ଜେଇ ଜବତ କରିଛି। ବୌଦ୍ଧ ଅଞ୍ଚଳରୁ ଚାଲାଣ କରୁଥିବା ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ଗୁଛାପଡା ଥାନା ଟିଲିକାପଙ୍ଗାର ବଶିଷ୍ଟ ଦିଗାଲ(୨୫), ଉଷାଗଡ୍ଡୁର ଜ୍ୟୋତିରଞ୍ଜନ କହଁର(୨୨)ଓ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ମାନେଶ୍ୱରର ରଶ୍ମିରଞ୍ଜନ କହଁର(୩୯)। ଏ ନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୭୮/୨୫)ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ସୂଚନାମତେ ସୋମବାର ସକାଳେ ବୌଦ୍ଧ ଅଞ୍ଚଳରୁ କାର ନଂ. ଓଡି-୦୨ଟି-୪୭୬୪ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ ସୂଚନା ପାଇ ବିଶିପାଲି ଛକରେ ଜଗି ରହିଥିଲେ। ବୌଦ୍ଧ ପଟରୁ ଆସୁଥିବା ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ଥିବା ଜଣାପଡିଥିଲା। ଉପନିରୀକ୍ଷକ କିର୍ତ୍ତନ ନାଏକ, ଏଏସଆଇ ବିନୋଦିନୀ ବେହେରା ଚଢାଉରେ ସାମିଲ ଥିଲେ।

### ସମ୍ବଲ ପରିବାର ପକ୍ଷରୁ ପୁଣି ୨ମୃତଦେହ ସତ୍କାର

ସମ୍ବଲପୁର, ୧୭।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲ ପରିବାର ଦ୍ୱାରା ବିଗତ ଦୁଇ ଦିନରେ ଦୁଇଟି ଶବ ସତ୍କାର କରାଯାଇଛି। ଟାଉନ ଥାନା ଦ୍ୱାରା ଗତ ୧୩ ତାରିଖରେ କମଲି ବଜାର ନିକଟରୁ ଅଜଣା ମୃତଦେହ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ପରେ ତିନିଦିନ ପର୍ଯ୍ୟନ୍ତ ଫ୍ରିଜରରେ ରହିଥିଲା। ମୃତକଙ୍କ ନିଜ ଲୋକ କେହି ନେବା ପାଇଁ ନ ଆସିବାରୁ ସୋମବାର ଟାଉନ ଥାନାର ଲିଖିତ ଅନୁରୋଧ କ୍ରମେ ମାଜିଷ୍ଟ୍ରେଟ ଅଭିଷେକ କିଷାନ, ଏସ୍ଆଇ ଅଭିଷେକ ପ୍ରଧାନ, କନଷ୍ଟେବଲ ରେଣୁବାଳା ପ୍ରଧାନ ଏବଂ ହୋମଗାର୍ଡ ମାରିଅମ ଲୁଗୁନଙ୍କ ଉପସ୍ଥିତରେ ସମ୍ବଲ ପରିବାର ସଦସ୍ୟମାନେ ଶବ ସତ୍କାର କରିଥିଲେ। ସେହିପରି ରବିବାର ହୁମାସ୍ଥିତ ବୀର ସୁରେନ୍ଦ୍ର ସାଏ ଜରା ନିବାସରେ ରହୁଥିବା ୮୦ ବର୍ଷୀୟ ଜନାର୍ଦ୍ଦନ ଭୋଇଙ୍କର ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଥିଲା। ଜନାର୍ଦ୍ଦନଙ୍କ ପୁତୁରା ଏବଂ ଜରାନିବାସର ସତ୍ୟନାରାୟଣ ମେଣ୍ଡଲିଙ୍କ ଲିଖିତ ଅନୁରୋଧକ୍ରମେ ସମ୍ବଲ ପରିବାର ଦ୍ୱାରା ଶବ ସତ୍କାର କରାଯାଇଥିଲା। ଉଭୟ ସତ୍କାର କାର୍ଯ୍ୟରେ ସମ୍ବଲର ରାମଦାସ ପଣ୍ଡା, ସୌରୀ ପାଣିଗ୍ରାହୀ ଏବଂ ଆନନ୍ଦ ଆଜାଦିବାଳ ସହଯୋଗ କରିଥିଲେ।

# ଅବଧିର ୪ବର୍ଷ ବିତିଲା, କାମ ସରୁନି

ସମ୍ବଲପୁର, ୧୭।୨ (ଭବାନୀ ଶଙ୍କର ଭୋଇ)


ଚାରଭାଟୀ, କୁଲୁଥକାନୀ ଅଞ୍ଚଳ ପାଇଁ କମିଶନର କଲୋନୀରେ ନିର୍ମିତ ପମ୍ପିଙ୍ଗ ଷ୍ଟେଶନ ।

**ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ**

**କାମ ସରିଥିଲେ ବି ଚାରଭାଟି, କୁଲୁଥକାନୀରେ ବ୍ୟବହାର ହେଉନି ସ୍ୱରେଜ**

ସମ୍ବଲପୁର ସ୍ୱେରେଜ ପ୍ରକଳ୍ପ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା। ୨୦୨୦ ମସିହାରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ହେଲେ ଅବଧିର ୪ବର୍ଷ ବିତିଯାଇଥିଲେ ବି କାମ ସରିନାହିଁ। ପ୍ରକଳ୍ପର ପ୍ରାୟ ୩୫ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି ବୋଲି କୁହାଯାଉଛି। ଭଉରାଠାରୁ ଜେଲଛକ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅପରପକ୍ଷରେ ଯେତିକ ବି କାମ ସରିଛି ତାହା ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ସହରର ଚାରଭାଟି, ସାରସ୍ୱତ କଲୋନୀ, କୁଲୁଥକାନୀ ଆଦି ଅଞ୍ଚଳରେ ଘରଗୁଡିକୁ ସ୍ୱରେଜ ସଂଯୋଗ କରାଯିବା ନେଇ ୱାଟ୍କୋ(ୱାଟର କର୍ପୋରେଶନ ଅଫ ଓଡ଼ିଶା)ପକ୍ଷରୁ କୁହାଯାଇଥିଲା। ହେଲେ ଯାଞ୍ଚ ସମୟରେ କାମ କରିଥିବା ଘରଗୁଡିକରେ ଠିକାସଂସ୍ଥା ପାଇପ ସଂଯୋଗ ଠିକ୍ ଭାବେ କରି ନ ଥିବା ଜଣା ପଡିଥିଲା। ଯାହାଦ୍ୱାରା ପୁଣିଥରେ ବିଭିନ୍ନ ସ୍ଥାନରେ ମାଟି ଖୋଳାଯାଇ ପାଇପ ସଂଯୋଗ କରିବାକୁ ପଡିଥିଲା। ଏହାପରେ ପାଇପ ସଫେଇ କରାଯାଇ ଘରକୁ ସଂଯୋଗ କରାଯିବ ବୋଲି ୱାଟକୋ ପକ୍ଷରୁ କୁହାଯାଇଥିଲା। ଯା ଭିତରେ ପୁଣି ଗୋଟିଏ ବର୍ଷ ବିତି ସାରିଛି। ତଥାପି ଉପରୋକ୍ତ ଅଞ୍ଚଳରେ ଘରକୁ ସ୍ୱରେଜ ସଂଯୋଗ କରାଯାଇ ପାରିନାହିଁ। ଫଳରେ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ଏ ନେଇ ୱାଟ୍କୋ ମହାପ୍ରବନ୍ଧକ ଇଂ. ରାଜେଶ କୁମାର ନାୟକଙ୍କୁ ପଚାରିବାରୁ ଚାରଭାଟି, କୁଲୁଥକାନୀ ଅଞ୍ଚଳରେ ଲୋକେ ଘରକୁ ଘର ପାଇପ ସଂଯୋଗ କରିପାରିବେ। ଏଥିପାଇଁ ଆବଶ୍ୟକ କାମ ୨ମାସ ପୂର୍ବରୁ ଶେଷ ହୋଇ ସାରିଛି । ପୁଣି ପ୍ରକଳ୍ପ କାମ ଆରମ୍ଭରୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ୩ଟି ପମ୍ପିଙ୍ଗ ଷ୍ଟେଶନ କାମ କରାଯାଇଥିଲା । ତେବେ ଏହି ଅଞ୍ଚଳର ବାସିନ୍ଦା କାମ ଶେଷ ହୋଇ ସ୍ୱରେଜ ସଂଯୋଗ କରିପାରିବା ବିଷୟରେ ଅବଗତ ହୋଇନାହାନ୍ତି। ୱାଟକୋ ତରଫରୁ ଏପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ସଂଯୋଗ କରିବା ନେଇ ଅବଗତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ୱାଟ୍କୋ ମହାପ୍ରବନ୍ଧକ ନାୟକ ଦୁଇରୁ ତିନି ଦିନ ମଧ୍ୟରେ ଏନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହି ପରିସ୍ଥିତିରେ ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ ହେବ ନେଇ ସହରବାସୀ ସନ୍ଦିହାନ ହୋଇପଡିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ପାଇଁ ସମନ୍ୱୟ ସମ୍ମିଳନୀ


ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)

ରାଜ୍ୟସ୍ତରୀୟ ରାସାୟନିକ ପଦାର୍ଥ ଜନିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସମନ୍ୱୟ ଏବଂ ଆଭିମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଏନ୍ଆଇସି ହଲ୍‌ରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଈଶ୍ୱରଚନ୍ଦ୍ର ନାଏକ, କାର୍ଯ୍ୟକ୍ରମ ଅଧିକାରୀ ଗୀତାଞ୍ଜଳି ସାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ତାଲିମ ଓ ସମନ୍ୱୟ ପ୍ରବନ୍ଧକ ସୁନିଲ କୁମାର ସାହୁ, ଅବସରପ୍ରାପ୍ତ କମାଣ୍ଡାଣ୍ଟ ସିନିୟର ଆଦିତ୍ୟ କୁମାର ମକ୍‌ଡ୍ରିଲ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ପର୍ଯ୍ୟାୟକ୍ରମେ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମ ଓ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାସହ ଶିକ୍ଷା ଓ ଅଭ୍ୟାସ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା କରିବାର କ୍ଷମତାକୁ ବୃଦ୍ଧି ଲକ୍ଷ୍ୟରେ ଟେବଲ ଟପ୍ ଅଭ୍ୟାସ, ଜରୁରୀକାଳୀନ ପରିସ୍ଥିତିରେ ବିପର୍ଯ୍ୟୟର ମୁକାବିଲାଜନିତ ମକ୍‌ଡ୍ରିଲ୍ ଓ ବିପର୍ଯ୍ୟୟ ମୁକାବିଲା ପ୍ରଣାଳୀ, ସୂଚନା ଆଦାନ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା।

## ମାଇଁ ଛୋଟା ସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବବରେ କୁନି ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲିସ୍ଥିତ ମାଇ ଛୋଟା ସ୍କୁଲ୍‌ର ବାର୍ଷିକ ଉତ୍ସବ ପ୍ରଗତି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତପସ୍ୱିନୀ ହଲରେ ଅଧ୍ୟକ୍ଷ ବିଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଖ୍ୟ ଅତିଥି ଭବେ ଡ. ସପନ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରିନର୍ସରୀ, ନର୍ସରୀ, କେଜି, ୟୁକେଜି ଶ୍ରେଣୀର ଶିଶୁମାନଙ୍କ ପରିଚାରିକାମାନଙ୍କ ଗୁରୁତ୍ୱପୂର୍ଣ ଭୂମିକା ରହିଥିବାରୁ ସେମାନେ ସବୁଠାରୁ ଅଧିକ ଧନ୍ୟବାଦର ପାତ୍ର ବୋଲି ମୁଖ୍ୟ ଅତିଥି ଡ. ମିଶ୍ର କହିଥିଲେ। ସେହିପରି ଅତିଥିମାନେ ସ୍କୁଲ ଶିକ୍ଷୟିତ୍ରୀମାନଙ୍କୁ ଗୁରୁଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋସ୍ନାମୟୀ ନାୟକ, ଶିବାନୀ ସାହୁ, ଉତ୍କଳିକା ପଟ୍ଟନାୟକ, ସ୍ନିଗ୍ଧାରାଣୀ ମିଶ୍ର, ଆକାଂକ୍ଷା ପଣ୍ଡା, ସ୍ମୃତି ବାଙ୍କା, ମହିମା ପଡ଼ପଣ୍ଡା ପ୍ରମୂଖ ଏହି ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ସ୍କୁଲ ପରିଚାରିକା ସ୍ମିତା ଦାଶ, ପଦ୍ମିନୀ ମହାନନ୍ଦ, ବବି ବଗର୍ତ୍ତୀଙ୍କୁ ଯଶୋଦା ଏ ଯଶ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାସହିତ ବିଭିନ୍ନ ଶ୍ରେଣୀର ସର୍ବୋତ୍କୃଷ୍ଟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୁଷ୍ମାନ ପୁରୋହିତ, ଯସ୍ମିନ ହୋତା, ଶ୍ରଦ୍ଧା ସାହୁ ଓ ଆଦ୍ୱିକ ପଣ୍ଡାଙ୍କୁ ସାଇନିଂ ଷ୍ଟାରଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ଆୟୋଜିତ ବାର୍ଷିକ ଉତ୍ସବ ପ୍ରଗତିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା।

## ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଚିଣ୍ଡା, ୧୭।୨ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ସୋମବାର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ସତ୍ୟନାରାରଣ ପଟେଲ, ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସୁଧିର କୁମାର ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଗ୍ରହଣ କରି ଭଲ ଭାବେ ବାର୍ଷିକ ପରିକ୍ଷା ଲେଖିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ଭେଷଜ କୁମାର ଗରଡିଆ, ଡିଇଓ ସମୀନ ରଞ୍ଜନ ନାଏକ, ଜୟଦେବ ରାଉତ ଓ ଅସିମ କୁମାର ପରୁଆ ସହଯୋଗ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପରୀକ୍ଷାର୍ଥୀଙ୍କୁ ଆଡ୍‌ମିଟ୍ କାର୍ଡ ବଣ୍ଟନ**

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)


ସତ୍ୟନାରାୟଣ ପୂଜା ପୂର୍ବକ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅବତ୍ତୀର୍ଣ୍ଣ ହେବାକୁ ଯାଉଥିବା ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବୁଢ଼ରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ ଅବତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ଉପସ୍ଥିତିରେ ଏକ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା, ବରିଷ୍ଠ ନାଗରିକ ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ପରୀକ୍ଷାରେ ପ୍ରଶ୍ନପତ୍ରକୁ ଯତ୍ନ ସହକାରେ ଧୈର୍ଯ୍ୟର ସହ ପାଠପଢି ପରୀକ୍ଷା ଦେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରବେଶ ପତ୍ର(ଆଡ୍‌ମିଟ୍ କାର୍ଡ) ପ୍ରଦାନପୂର୍ବକ ବିଦାୟ ଦିଆଯାଇଥିଲା।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

କୁଚିଣ୍ଡା, ୧୭।୨ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସାନଜିଟିଆପାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଜଗନ୍ନାଥ ବାଦୀ ଓରଫ ମାକଡ(୫୦)। ତାଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଜଗନ୍ନାଥଙ୍କ ସ୍ତ୍ରୀ ପୁଷ୍ପ ବାଦୀ କୁଚିଣ୍ଡା ଥାନାରେ ରାତି ୮ଟାରେ ଲିଖିତ ରିପୋର୍ଟ କରିଛନ୍ତି। ପୋଲିସ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘରଡିହକୁ ନେଇ ମାକଡଙ୍କ ସହ ଓ ତାଙ୍କ ବଡଭାଇ ପରିବାର ମଧ୍ୟରେ ପୂର୍ବରୁ ଝଗଡା ହୋଇ ଆସୁଥିଲା। ହେଲେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ମାକଡଙ୍କୁ ତାଙ୍କ ପୁତୁରା ସୁମନ୍ତ ବାଦୀ, ସ୍ତ୍ରୀ ମୀରା ବାଦୀ ଓ ଭାଇ ଅତୁଲ୍ୟ ବାଦୀ ପଥର ଓ ଇଟାଖଣ୍ଡରେ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ମାକଡଙ୍କ ସ୍ତ୍ରୀ ଛଡାଇବା ସମୟରେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ମାକଡଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇାଯାଇଛି। ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣିରେ ୪୩ଟି ଆବେଦନ ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରେ ୨୬ଟି ବ୍ୟକ୍ତିଗତ, ୧୪ଟି ସାମୂହିକ ସମସ୍ୟା ନେଇ ଆବଦଜ କରାଯାଇଥିଲା। ୧୫ଟି ଅଭିଯୋଗର ଶୁଣାଣି କରାଯାଇ ତତ୍କାଳ ସମାଧାନ କରା ଯାଇଥିଲା। ସେହିପରି ଦୁଇଟି ମାମଲାର ସମାଧାନ ପୂର୍ବକ ରେଡକ୍ରସ ସହାୟତାରେ ଆଶାବାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଦୁଇଟି ମାମଲାରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି।

## ବରିଷ୍ଠ ନାଗରିକଙ୍କୁ ନେଇ ମହାକୁମ୍ଭ ଗଲା ୧୦୧ ଟଙ୍କିଆ ତୀର୍ଥଯାତ୍ରୀ ବସ୍

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)

ସମ୍ବଲପୁରରୁ ବରିଷ୍ଠ ନାଗରିକଙ୍କୁ ନେଇ ୧୦୧ ଟଙ୍କିଆ ଦ୍ୱିତୀୟ ପର୍ଯ୍ୟାୟ ମହାକୁମ୍ଭ ତୀର୍ଥଯାତ୍ରୀ ବସ୍ ସୋମବାର ଯାତ୍ରା ଆରମ୍ଭ କରିଛି। ସାଥୀ ଚାରିଟେବେଲ ଟ୍ରଷ୍ଟ ପକ୍ଷରୁ ଗରିବ ବରିଷ୍ଠ ନାଗରିକମାନଙ୍କୁ ମାତ୍ର ୧୦୧ ଟଙ୍କାରେ ମହାକୁମ୍ଭର ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ପୌର ପରିଷଦ ଛକସ୍ଥ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା ପରେ ପ୍ରାୟ ୨୦୧ ଜଣ ରବିଷ୍ଠ ନାଗରିକଙ୍କୁ ଦୁଇଟି ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ବସ୍‌ରେ ପବିତ୍ର ମହାକୁମ୍ଭସ୍ନାନ ପାଇଁ ପ୍ରୟାଗରାଜ ଗସ୍ତ କରିଛି। ଏଥିରେ କେତେକ ସାଧୁସନ୍ଥ ମଧ୍ୟ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଏକ ମେଡିକାଲ ଦଳ ସହ ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ଯାତ୍ରା କରିଛନ୍ତି। ସେମାନଙ୍କୁ ସସମ୍ମାନେ ଯାତ୍ରା ଆରମ୍ଭରୁ ଫେରିବା ପର୍ଯ୍ୟନ୍ତ ଖାଦ୍ୟପେୟ, ରହିବା, ମହାକୁମ୍ଭରେ ସୁବିଧାରେ ସ୍ନାନ କରିବା ଆଦିର ବ୍ୟବସ୍ଥା ସାଥୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରାଯାଇଛି ବୋଲି ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା କହିଛନ୍ତି। ବସ୍‌ଗୁଡିକୁ ଟ୍ରଷ୍ଟ ସଭାପତି ଶତ୍ରୁଘ୍ନଲାଲ ସାହାଙ୍କ ସହିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପତାକା ଦେଖାଇ ଯାତ୍ରାକୁ ଅନୁକୂଳ କରିଥିଲେ। ରବିବାର ସମଲେଶ୍ୱରୀଙ୍କ ପୀଠରୁ ମଧ ଦୁଇଟି ବସ୍‌ରେ ବରିଷ୍ଠ ନାଗରିକମାନେ ମହାକୁମ୍ଭରେ ସ୍ନାନ ପାଇଁ ଯାତ୍ରା କରିଛନ୍ତି। ସେମାନେ ଆସନ୍ତା ୧୮ ତାରିଖରେ କୁମ୍ଭମେଳାରେ ବୁଡ଼ ପକାଇବା ପରେ ଏକସଙ୍ଗେ ୧୯ ତାରିଖ ସମ୍ବଲପୁର ଅଭିମୁଖେ ଫେରିବେ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ମୃତ ଯୁବକଙ୍କ ପରିଚୟ ମିଳିଲା

**ଗାଡି ଧକ୍କାର ଶିକାର ହୋଇଥିଲେ**

କୁଚିଣ୍ଡା, ୧୭।୨ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବାଇପାସ ରୋଡ କୁସୁମୀଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେ ହେଉଛନ୍ତି ସୁନ୍ଦରଗଡ ଜିଲା ବଡଗାଁ ଥାନା ଗଙ୍ଗାଜଳ ଗ୍ରାମର ଜଗଧନ ସେଠୀ(୩୫)। ସେ ଶନିବାର କୁଚିଣ୍ଡା ନିକଟ ଘୋଷାସ୍ଥିତ ନିଜ ଭିଣୋଇ ଘରକୁ ବସରେ ଆସୁଥିଲେ। କୁଚିଣ୍ଡା ନୂଆ ବସଷ୍ଟାଣ୍ଡରେ ଓହ୍ଲାଇ ଘୋଷା ଯିବା ପରିବର୍ତ୍ତେ ବାଟବଣା ହୋଇ ରାଜପଥ ଦେଇ ସଇଡା ପଟକୁ ଯାଉଥିଲେ। ରାତି ପ୍ରାୟ ୮ଟାରେ ଏକ ଟ୍ରକ ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୁଚିଣ୍ଡା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ନେଇଥିଲା। ରବିବାର ସକାଳେ ମୃତକଙ୍କ ପରିବାରବର୍ଗ କୌଣସି ସୂତ୍ରରୁ ଖବରପାଇ କୁଚିଣ୍ଡା ମେଡିକାଲକୁ ଆସି ମୃତଦେହ ଗ୍ରହଣ କରିଥିଲେ।

## ଝାରସୁଗୁଡ଼ାକୁ ହରାଇଲା ଦେବଗଡ଼

**ବିଜୟ ବାହାଦୁର ସିଂହ-ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ସମ୍ବଲପୁର, ୧୭।୨ (ଭବାନୀ ଶଙ୍କର ଭୋଇ)

ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶାସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାରେ ସୋମବାର ଦେବଗଡ଼ ଏବଂ ଝାରସୁଗୁଡ଼ା ମୁହାଁମୁହିଁ ହୋଇଥିଲେ। ସଂଘର୍ଷମୟ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ୪-୪ ଗୋଲରେ ଖେଳ ଅମୀମାଂସିତ ରହିଥିଲା। ଏହାପରେ ଟାଇବ୍ରେକର ଯୋଗେ ଦେବଗଡ଼ ଦଳ ୭-୬ ଗୋଲରେ ବିଜୟୀ ହୋଇଥିଲା । ଏହି ଅବସରରେ ଝାରସୁଗଡ଼ାର ସଞ୍ଜିବ କୁମାର ଘୋଷ ଏବଂ ଦେବଗଡ ଜିଲାର ବରିଷ୍ଠ ଖେଳାଳି ସୁବାଷ ଚନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଯୁଗଳ ପ୍ରସାଦ ସିଂହ ଏବଂ ନାରାୟଣ ପଣ୍ଡା ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖେଳକୁ ସୁରେଶ କୁମାର ଦାସ, ଅରୁଣ ଭୋଇ, ପଞ୍ଚାନନ ପାତ୍ର ଓ ସଲିଲ ବେହେରା ପରିଚାଳନା କରିଥିଲେ। ସଂଘ ସଭାପତି ଗୋକୁଳ ଦର୍ଜି, ସମ୍ପାଦକ ସଦାଶିବ ପୁରୋହିତ ପ୍ରତିଯୋଗିତା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମଙ୍ଗଳବାର ନୂଆପଡା ଏବଂ ବଲାଙ୍ଗୀର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।


ଆୟୋଜକ ଏବଂ ଅତିଥିଙ୍କ ସହ ଝାରସୁଗୁଡ଼ା ଏବଂ ଦେବଗଡ଼ ଦଳର ଖେଳାଳିମାନେ।

## ସମ୍ବଲପୁର ଜିଲାରେ ୧୦୭୨୨ ପରୀକ୍ଷାର୍ଥୀ

**ଆଜି ଯୁକ୍ତ୨ ବାର୍ଷିକ ପରୀକ୍ଷା**

ସମ୍ବଲପୁର, ୧୭।୨ (ପ୍ରମୋଦ ବହିଦାର)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ବାର୍ଷିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ସାଢ଼େ ୯ଟାରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ର ପ୍ରବେଶ ଅନୁମିତ ମିଳିବ। ପୂର୍ବାହ୍ନ ୯ଟା ୪୫ରେ ପଶ୍ନପତ୍ର ଓ ୯ଟା୫୫ରେ ଖାତା ବଣ୍ଟନ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମ୍ବଲପୁର ଜିଲାର ୪୧ ପରୀକ୍ଷା କେନ୍ଦ୍ରରେ ମୋଟ ୫୪ ଶିକ୍ଷାନୁଷ୍ଠାନର ୧୦ ହଜାର ୭୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସମ୍ବଲପୁର ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୧୨୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ଏକ୍ସ ରେଗୁଲାର ୨୨ ଓ ରେଗୁଲାର ୪୯୨ ଛାତ୍ରୀଛାତ୍ରୀଙ୍କୁ ମିଶାଇ ମୋଟ ୫୧୪ ପରୀକ୍ଷାର୍ଥୀ, ବାଣିଜ୍ୟରେ ୧୪ ଏକ୍ସ ରେଗୁଲାର ଓ ୩୦୪ ରୋଗୁଲାର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୩୧୮, ବିଜ୍ଞାନରେ ୫ ଏକ୍ସ ରେଗୁଲାର ଓ ୨୮୩ ରେଗୁଲାର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୨୮୮ ପରୀକ୍ଷାର୍ଥୀ ରହିଛନ୍ତି। ସମ୍ବଲପୁର ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ୪୬୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୬ ଏକ୍ସ ରେଗୁଲାର, ୨୧୭ ରେଗୁଲାର ଛାତ୍ରୀଙ୍କୁ ମିଶାଇ ୨୨୩ଜଣ, ବାଣିଜ୍ୟରେ ଜଣେ ଏକ୍ସ ରେଗୁଲାର ଓ ୬୨ ରେଗୁଲାର ଓ ବିଜ୍ଞାନରେ ୩୩ ଏକ୍ସ ରୋଗୁଲାର ଓ ୧୪୬ ରେଗୁଲାର ଛାତ୍ରୀ ପରୀକ୍ଷା ଦେବେ। ନେତାଜୀ ସୁବାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୪୦୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୧୫୬ ଜଣ, ବାଣିଜ୍ୟରେ ୧୩୭ ଓ ବିଜ୍ଞାନରେ ୧୧୨ ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଛନ୍ତି। ଚଳିତବର୍ଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅପଗ୍ରେଡ ହୋଇଥିବା ସମ୍ବଲପୁର ଜିଲାର କଦଳୀଗଡ଼, ଗଡ଼ପୋଷ, ଲପଙ୍ଗା ଓ ଟିପିଲିମା ଆଦି ୪ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଥମ ଥର ପାଇଁ ପରୀକ୍ଷା କେନ୍ଦ୍ର କରାଯାଇଛି।

ସମ୍ବଲପୁର ଜିଲାରେ ପରୀକ୍ଷାକୁ ସ୍ୱଚ୍ଛ, ସୁରକ୍ଷିତ ତଥା ସୁରୁଖୁରୁରେ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୂଚନା ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁରର ଉପସଚିବ ଡ. ମହେନ୍ଦ୍ର ପ୍ରସାଦ ବେହେରା କହିଛନ୍ତି, ପରୀକ୍ଷା କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇସାରିଛି। ସମ୍ବଲପୁର ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଚିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେଢ଼ାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଲାଇଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ୬ଟି ପରୀକ୍ଷା ପରିଚାଳନା ହବ୍ ସେଣ୍ଟର ଖୋଲାଯାଇଛି। ପ୍ରତ୍ୟେକ ହବ୍ ସେଣ୍ଟରରେ ଜଣେ ଲେଖାଏ ସରକାରୀ ଅଧିକାରୀ ଅବଜରଭର ଦାୟିତ୍ୱରେ ରହିଛନ୍ତି। ହବ୍ ସେଣ୍ଟର୍‌ରେ ବର୍ତ୍ତମାନ ପଶ୍ନପତ୍ର ଗୁଡ଼ିକୁ ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ଗଚ୍ଛିତ ରଖାଯାଇଛି। ମଙ୍ଗଳବାର ଏଠାରୁ ଅବଜରଭରଙ୍କ ତତ୍ତ୍ୱାବଧାନରେ ପଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପ୍ରେରଣ କରାଯିବ। ତେବେ ସୁପରଭାଇଜର ଓ ଡେପୁଟି ସୁପରଭାଇଜର ତଥା ହବ୍ ସେଣ୍ଟର ଅବଜରଭରଙ୍କ ଉପସ୍ଥିତିରେ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପ୍ରେରଣ ପାଇଁ ହବ୍‌ସେଣ୍ଟର ଖୋଲାଯିବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସି ଟିଭିକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ପରୀକ୍ଷାକେନ୍ଦ୍ରରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି। ପ୍ରତି ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏ ସେଣ୍ଟର ସୁପରଭାଇଜର ରହିବେ। ପ୍ରତ୍ୟେକ ୨୦ ପରୀକ୍ଷାର୍ଥୀଙ୍କ ଉପରେ ଜଣେ ଲେଖାଏ ପରୀକ୍ଷା ପରିଚାଳକ ନଜର ରଖିବେ ବୋଲି ସେ କହିଛନ୍ତି।

